ରୌପ୍ୟ ଜୟନ୍ତୀ ସମାରୋହ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.314 Bhubaneswar Wednesday January 31 2024 | ୨୬ତମ ବର୍ଷ ସଂଖ୍ୟା-୩୧୪ ଭୁବନେଶ୍ୱର, ବୁଧବାର, ଜାନୁଆରୀ ୩୧, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଦି' ପଦ କଥା...

ଆଜି ଦୈନିକ 'ପର୍ଯ୍ୟବେକ୍ଷକ'ର ରୌପ୍ୟ ଜୟନ୍ତୀ ସମାରୋହ । ଗତ ଫେବୃଆରୀ ୨ ତାରିଖ ୨୫ତମ ପ୍ରତିଷ୍ଠା ଦିବସ ସମାରୋହ ତତ୍କାଳୀନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ଆକସ୍ମିକ ମୃତ୍ୟୁ ଯୋଗୁଁ ସ୍ଥଗିତ ରଖାଯାଇଥିଲା। ସୂଚନାଯୋଗ୍ୟ ୧୯୯୮ ମସିହା ଫେବୃଆରୀ ୨ ତାରିଖ ପବିତ୍ର ଶ୍ରୀପଞ୍ଚମୀ ଦିନ ଦୈନିକ 'ପର୍ଯ୍ୟବେକ୍ଷ' ପ୍ରକାଶନର ଶୁଭାରମ୍ଭ ହୋଇଥିଲା। ଅବଶ୍ୟ ଏହା ବହୁ ବର୍ଷ ଧରି ଏକ ସାପ୍ତାହିକ ଖବର କାଗଜ ହିସାବରେ ନିଜର ଦାୟିତ୍ୱ, କର୍ତ୍ତବ୍ୟ ନିରବଚ୍ଛିନ୍ନ ଭାବେ ସମ୍ପାଦନ କରି ଆସିଅଛି। ସାଧାରଣ ଲୋକଙ୍କ ସ୍ୱାର୍ଥ ଅଧିକାର ପାଇଁ ଲଢ଼ି ଅନେକ ଥର ଶାସନ, ପ୍ରଶାସନ, ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନମାନଙ୍କ ରୋଷର ଶିକାର ହୋଇଥିଲେ ମଧ୍ୟ କେବେ ବି ତା'ର ମୂଳ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇନାହିଁ। ସାଧାରଣ ଲୋକଙ୍କ ପାଇଁ ଖବର ସଂଗ୍ରହ କରିବା ଏକ ସାଧାରଣ କଥା ନୁହଁ ...ଏହା ଏକ ଅସାଧାରଣ କଥା... ଏହା ଏକ ଦୁଃସାହସିକ ଅଭିଯାନ ସହିତ ତୁଳନୀୟ... ଗତ ୨୫ ବର୍ଷର ଅଭିଜ୍ଞତାର କଥା କହୁଛି ...ଖବର କାଗଜ ପରିଚାଳନା କରିବା କ୍ଷେତ୍ରରେ ଥିବା ୨୫ ବର୍ଷର ଅନୁଭବ ଆପଣମାନଙ୍କ ସମ୍ମୁଖରେ ରଖୁଛି ...ଅଙ୍ଗେ ନିଭାଇଥିବା କଥା କହୁଛି...

ଶୂନ୍ୟସ୍ତମ୍ଭ



ବହୁତ ପ୍ରତିପତ୍ତିଶାଳୀ ବ୍ୟକ୍ତିବିଶେଷ ବିଭିନ୍ନ ସମୟରେ ବିଭିନ୍ନ ଖବର କାଗଜ ପ୍ରକାଶିତ କରିଛନ୍ତି. କିନ୍ତୁ କାଳର ପ୍ରଭାବରେ ହେଉ ଅବା ଅସାମଞ୍ଜସ୍ୟ ହେତୁ ହେଉ ଅବା ପରିବର୍ତ୍ତିତ ପରିସ୍ଥିତି ହେତୁ ହେଉ, ସେଥି ମଧ୍ୟରୁ ଅନେକ କାଳର ଗର୍ଭରେ ଲୀନ ହୋଇଯାଇଛନ୍ତି ... ଗତ ଦୁଇ ଦଶନ୍ଧି ମଧ୍ୟରେ ଅନେକ ଖବର କାଗଜ ଅଦୃଶ୍ୟ ହେଇଯାଇଛନ୍ତି... ଖବର କାଗଜକୁ ନେଇ ଜନସାଧାରଙ୍କର ପରିବର୍ତ୍ତିତ ମନୋଭାବ, କରୋନା ମହାମାରୀର କୋପଦୃଷ୍ଟି, ଓ ଡିଜିଟାଲ କ୍ରାନ୍ତିର ଅୟମାରମ୍ଭ ଖବର କାଗଜର ଏ ଦୁର୍ଦ୍ଦଶା ପାଇଁ ଦାୟୀ... କିନ୍ତୁ ପଙ୍ଗୁ ହେଲେ ବି ନିମାଇଁ ବଂଚିଛି... ଜୀବନ ପ୍ରତି ତାର ଦୁର୍ବାର ମୋହ ଓ ବଂଚିବାର ଜିଦ ତାକୁ ବଞ୍ଚାଇ ରଖିଛି... ସେହିପରି ଖବର ପ୍ରତି ନିଷ୍ଠା ଓ ପ୍ରେମ ରଖିଥିବା ବ୍ୟକ୍ତି ହିଁ କେବଳ ଖବର କାଗଜର ପୃଷ୍ଠପୋଷକତା କରିପାରିବ ବୋଲି ମୁଁ ବିଚାର ରଖୁଛି... କାରଣ ଏହି ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପର୍ଯ୍ୟବେକ୍ଷକ ଆଗକୁ ବଢିଚାଲିଛି... ଅନେକ ଝଡ-ଝଞ୍ଜା ଆସିଛି, ମାନ-ଅପମାନ ଆସିଛି କିନ୍ତୁ ଖବର ପରିବେଷଣ ବନ୍ଦ ହୋଇନାହିଁ... ଏଠି ପାଇବାର ଲୋଭ ନାହିଁ କିନ୍ତୁ ଆଗକୁ ମାଡି ଚାଲିବାର ଇଛାଶକ୍ତି ଅଛି...ସେଥିପାଇଁ ବୋଧ ହୁଏ ଶ୍ରୀମଦ ଭଗବଦ ଗୀତାର ଦ୍ୱିତୀୟ ଅଧ୍ୟାୟର ୪୭ତମ ପଦରେ ଉଲ୍ଲେଖ ଅଛି -- କର୍ମଣ୍ୟେ ବଧୀକାରଃସ୍ତୁ ମା ଫଳେଶୁ କଦାଚନ ---

କିନ୍ତୁ ପର୍ଯ୍ୟବେକ୍ଷକ ବିଚାର ରଖେ ସବୁକିଛି ନିଷ୍କାମ କର୍ମ ହେବା ଜରୂରୀ ନୁହେଁ... ତେଣୁ ଜନସାଧାରଣ ଅନ୍ତତଃ ଖବର ରୂପକ ଫଳର ସ୍ୱାଦ ଉପଭୋଗ କରନ୍ତୁ ଆମକୁ ପରିଶ୍ରମର ଫଳ ମିଳିଯିବ...କାରଣ ପର୍ଯ୍ୟବେକ୍ଷକ ସାଧାରଣ ଲୋକଙ୍କର ଖବର କାଗଜ... ପ୍ରଥମ ପ୍ରକାଶନ ବେଳେ ଏହାର ବିକ୍ରୟ ମୂଲ୍ୟ ଟ ୧.୫୦ ପଇସା ଥିଲା ଯାହା ଏବେ ବି ଅପରିବର୍ତ୍ତିତ। ଏଥିପାଇଁ ଆମେ ଯଥେଷ୍ଟ ଆର୍ଥିକ ଚାପର ବଶବର୍ତ୍ତୀ...୨୫ ବର୍ଷ ପୂର୍ବରୁ ଏହା ସାଧାରଣ ଲୋକଙ୍କ ଖବରକାଗଜ ଥିଲା...୨୫ ବର୍ଷ ପରେ ଏହା ସେମାନଙ୍କର ଖବରକାଗଜ ଅଛି ଓ ଆଗକୁ ମଧ୍ୟ ରହିବ...ଜନସାଧାରଣ ହିଁ ଏହାର ମାଲିକ, ପୃଷ୍ଠପୋଷକ ଓ ପାଠକ...

ମହାମାରୀ କରୋନାର ସଙ୍କଟମୟ ପରିସ୍ଥିତି ସତ୍ତ୍ୱେ ଏହାର ଡିଜିଟାଲ ଓ ୱେବ ସଂସ୍କରଣର ଶୁଭାରମ୍ଭ ହୋଇଥିଲା। ଆଜିର ପୂଣ୍ୟ ଜନ୍ମତିଥି ଅବସରରେ ପର୍ଯ୍ୟବେକ୍ଷକ ପରିବାର ତା'ର ସମସ୍ତ ପାଠକ / ପାଠିକା , ଲେଖକ/ ଲେଖିକା, ସମ୍ବାଦଦାତା, ବିଜ୍ଞାପନଦାତା, କର୍ମଚାରୀ ବୃନ୍ଦ, ହକର ଓ ବିତରକ ବନ୍ଧୁଗଣ ଏବଂ ସର୍ବୋପରି ଓଡ଼ିଶାର ଜନସାଧାରଣ ତଥା ଦେଶ ବିଦେଶରେ ରହୁଥିବା ଓଡ଼ିଆ ଭାଇ ଭଉଣୀମାନଙ୍କୁ ଧନ୍ୟବାଦ ଜଣାଇବା ସହ ସମସ୍ତଙ୍କ ସୁସ୍ଥ ନିରାମୟ ଜୀବନ ଓ ଆର୍ଥିକ ଉନ୍ନତି, ସ୍ୱାବଲମ୍ବିତା କାମନା କରୁଛି।

ଜୟ ଜଗନ୍ନାଥ
ବନ୍ଦେ ଉତ୍କଳ ଜନନୀ
ଡକ୍ଟର ପବିତ୍ରମୋହନ ସାମନ୍ତରାୟ
ମୁଖ୍ୟ ସମ୍ପାଦକ, ଦୈନିକ ପର୍ଯ୍ୟବେକ୍ଷକ

## ନକ୍ସଲଙ୍କ ଆକ୍ରମଣରେ ୩ ଯବାନ ସହିଦ, ୧୪ ଆହତ



ଭୁବନେଶ୍ୱର,୩୦।୧(ପି.ଏନ): ଛତିଶଗଡର ବସ୍ତର ଅଞ୍ଚଳର ବିଜାପୁର ଓ ସୁକମା ଜିଲ୍ଲା ସୀମାରେ ଆଜି ନକ୍ସଲମାନେ ସୁରକ୍ଷାକର୍ମୀଙ୍କ ଏକ ନବନିର୍ମିତ କ୍ୟାମ୍ପ ଉପରେ ଆକ୍ରମଣ କରିବାରୁ ୩ ଜଣ ଯବାନ ସହିଦ ହୋଇଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି। ବିଜାପୁର ଓ ସୁକମା ଜିଲ୍ଲା ସୀମାରେ ଥିବା ଟେକୁଲଗୁଡେମ ଗାଁରେ ଏହି ଘଟଣା ଘଟିଛି। ଏବେ ସେହି ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଥିବା ବେଳେ ଆହତ ଯବାନମାନଙ୍କୁ ରାୟପୁରକୁ ଏୟାରଲିଫ୍ଟ କରାଯାଇଛି। ଆହତ ଯବାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି ବୋଲି ଜଣାପଡିଛି। ପ୍ରାଥମିକ ସୂଚନା ଅନୁଯାୟୀ,ଟେକୁଲଗୁଡେମ ଗାଁ ନିକଟରେ ଥିବା ସୁରକ୍ଷାକର୍ମୀଙ୍କ ନୂଆ କ୍ୟାମ୍ପ ଉପରକୁ ନକ୍ସଲମାନେ ଗୁଳି କରିଥିଲେ। ସେତେବେଳେ କ୍ୟାମ୍ପ ନିକଟରେ ସିଆରପିଏଫ୍‌ର କୋବ୍ରା ବାହିନୀ ସହିତ ସ୍ପେଶାଲ ଟାସ୍କଫୋର୍ସ ଓ ଡିଷ୍ଟ୍ରିକେଟ ରିଜର୍ଭ ଗାର୍ଡ (ଡିଆରଜି)ର ସୁରକ୍ଷାକର୍ମୀମାନେ ପାଟ୍ରୋଲିଂ କରୁଥିଲେ। ସେମାନେ ସଙ୍ଗେ ସଙ୍ଗେ ନକ୍ସଲଙ୍କୁ ଜବାବ ଦେଇଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଗୁଳିବିନିମୟ ବେଳେ ନକ୍ସଲମାନେ ଆଇଇଡି ମଧ୍ୟ ବିସ୍ଫୋରଣ କରିଥିଲେ।

## ଝାଡଖଣ୍ଡରେ ହଲଚଲ, ପୁଣି ବୈଠକ ଡାକିଲେ ମୁଖ୍ୟମନ୍ତ୍ରୀ ସୋରେନ୍



ଭୁବନେଶ୍ୱର,୩୦।୧(ପି.ଏନ): ଇଡିର ଘନ ଘନ ଚଢ଼ାଉ ଭିତରେ ଝାଡଖଣ୍ଡରେ ଜାରି ରହିଛି ରାଜନୈତିକ ହଲଚଲ। ଜମି ଦୁର୍ନୀତି ମାମଲର ଅର୍ଥ ହେରଫେର ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଜେରା କରିବାକୁ ଆସନ୍ତାକାଲି ଡାକିଛି। ଏହାରି ଭିତରେ ପୁଣି ଥରେ ସନ୍ଧ୍ୟାରେ ବିଧାୟକ ଦଳଙ୍କ ବୈଠକ ଡାକିଛନ୍ତି ସୋରେନ୍। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ସୋରେନ୍ ବିଧାୟକଙ୍କ ସହ ଆଲୋଚନା କରିବେ। ପରବର୍ତ୍ତୀ ରଣନୀତି ନେଇ ଚର୍ଚ୍ଚା ହେବ। କୁହାଯାଉଛି ଯେ, ବୈଠକ ପରେ ହେମନ୍ତ ସୋରେନ୍ ଇସ୍ତଫା ଦେଇପାରନ୍ତି। ତାଙ୍କ ପତ୍ନୀ କଳ୍ପନା ସୋରେନ୍‌ଙ୍କୁ ସେ ମୁଖ୍ୟମନ୍ତ୍ରୀ ଘୋଷଣା କରିପାରନ୍ତି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ମଙ୍ଗଳବାର ବାପୁ ବାଟିକାରେ ତାଙ୍କ ବିଧାୟକମାନଙ୍କୁ ଭେଟିଥିଲେ ଏବଂ ପରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସମୟରେ ଦୀର୍ଘ ଘଣ୍ଟା ଧରି ଗାଏବ ରହିଥିବା ପ୍ରଶ୍ନର ସେ ଉତ୍ତର ଦେଇଛନ୍ତି। ସେ କହିଛନ୍ତି 'ମୁଁ ଆପଣଙ୍କ ହୃଦୟରେ ଥିଲି। ମୁଁ ଥିଲି, ଥିବି ଆଉ ରହିବି।' ଏହା ପୂର୍ବରୁ ହେମନ୍ତ ସୋରେନ ବିଧାୟକମାନଙ୍କୁ ଭେଟିଥିଲେ। ତେବେ ଆଜି ସଂଧ୍ୟାରେ ଜେଏମଏମ ବିଧାୟକ ଦଳର ବୈଠକ ବସି ଦଳର ପରବର୍ତ୍ତି କାର୍ଯ୍ୟପନ୍ଥା ସଂପର୍କରେ ବିଚାର କରାଯିବ। ଦୁଇ ଦିନ ଧରି ହେମନ୍ତ ସୋରେନ୍? ଗାଏବ ଥିଲେ। ତେବ ଆଜି ହଠାତ୍? ରାଞ୍ଚିରେ ପହଞ୍ଚିବା ପରେ ବିଧାୟକଙ୍କ ସହ ମିଶି ନିଜ ସରକାରର ସେ ଏକତା ପ୍ରଦର୍ଶନ କରିଛନ୍ତି।

## ଆସନ୍ତାକାଲି ମହାପ୍ରଭୁଙ୍କ ବନକଲାଗି ନୀତି: ୩ ରୁ ୪ ଘଣ୍ଟା ବନ୍ଦ ଧରିବ ସାଧାରଣ ଦର୍ଶନ

ପୁରୀ ,୩୦।୧(ପି.ଏନ): ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି, ଯାହାକି ଆସନ୍ତାକାଲି ଅନୁଷ୍ଠିତ ହେବ। ଏହି ବନକଲାଗି ନୀତି ସମୟରେ ଠାକୁରଙ୍କ ଦର୍ଶନ ଉପରେ କଟକଣା ରହିବ । ପ୍ରାୟତଃ ୩ ରୁ ୪ ଘଣ୍ଟା ବନ୍ଦ ରହିବ ସାଧାରଣ ଦର୍ଶନ ।ଖବର ଅନୁଯାୟୀ, ମାଘ କୃଷ୍ଣ ପଞ୍ଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦତ୍ତମହାପାତ୍ର ସେବକମାନେ ଗୋଷ୍ଠୀଗତ ଭାବେ ଠାକୁରଙ୍କ ଶ୍ରୀମୁଖ ସିଂହାର କରିବେ।ଏଥିରେ ପାଳିଆ ପୂଜାପଣ୍ଡା, ପାଳିଆ ଖୁଣ୍ଟିଆ, ଗରାବଡୁ, ପାଳିଆ ପୁଷ୍ପାଳକ, ଚାଙ୍ଗଡା ମେକାପ, ମୁଦୁଲି ଆଦି ସେବକଙ୍କ ମଧ୍ୟ ଭୂମିକା ରହିଛି ।

## ଭିଜିଲାନ୍ସ ଜାଲରେ ଜେ.ଇ : ଏକକାଳୀନ ୭ଟି ସ୍ଥାନରେ ଚାଲିଛି ଚଢ଼ାଉ

ଭୁବନେଶ୍ୱର,୩୦।୧(ପି.ଏନ): ଭିଜିଲାନ୍ସ ଜାଲରେ ଔର ବା କନିଷ୍ଠ ଯନ୍ତ୍ରୀ । ମାଲକାନଗିରିରେ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ସଂଜୟ ମହାନ୍ତିଙ୍କ ଘର ଓ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ାଉ ହୋଇଛି । ଚଢ଼ାଉ ବେଳେ ଭଡା ଘରୁ ୧ ଲକ୍ଷ ୧୫ହଜାର ଟଙ୍କା ନଗଦ ଜବତ କରିଛି ଭିଜିଲାନ୍ସ । ଏହାସହ ଗୋଟିଏ କାର ଓ ବାଇକ ବି ଜବତ ହୋଇଛି । ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ୭ଟି ସ୍ଥାନରେ ଚଢ଼ାଉ କରୁଛି ।ମାଲକାନଗିରିର ଭଡାଘର ଓ କାର୍ଯ୍ୟାଳୟ ସମେତ ବାଲେଶ୍ୱର, ଜଳେଶ୍ୱର ଓ ଭୁବନେଶ୍ୱରରେ ଚଢ଼ାଉ ଚାଲିଛି । ଏହି ଚଢ଼ାଉରେ ଜଣେ ଅତିରିକ୍ତ ଏସପିଙ୍କ ସହ ୩ ଜଣ ଡ଼ିଏସପି, ୮ ଜଣ ଇନ୍ସପେକ୍ଟର, ୮ ଜଣ ଏସଆଇ ସାମିଲ ଅଛନ୍ତି । ବର୍ତ୍ତମାନ ବାଲେଶ୍ୱର ଜଳେଶ୍ୱରରେ ଥିବା ୩ ମହଲା କୋଠା, ଭୁବନେଶ୍ୱର ରଘୁନାଥପୁରରେ ଥିବା ଫ୍ଲାଟ, ପୋଖରୀପୁଟରେ ଥିବା ସମ୍ପର୍କୀୟଙ୍କ ଘର ପ୍ରମୁଖ ସ୍ଥାନରେ ଚଢ଼ାଉ ଚାଲିଛି ।







ପର୍ଯ୍ୟବେକ୍ଷକ ୨୫ ତମ ରୌପ୍ୟ ଜୟନ୍ତୀ ସମାରୋହ ଅବସରରେ ସମସ୍ତଙ୍କୁ ଗଞ୍ଜାମ ନିର୍ବାଚନ ମଣ୍ଡଳୀର ସମସ୍ତ ଭାଇ ଭଉଣୀ, ବାପା, ମାଆଙ୍କୁ ମୋର ଅଭିନନ୍ଦନ ।



କୃଷଚନ୍ଦ୍ର ନାୟକ
ବ୍ଲକ ଅଧ୍ୟକ୍ଷ, ଶେରଗଡ଼ ବ୍ଲକ



ପର୍ଯ୍ୟବେକ୍ଷକ୨୫ ତମ ରୌପ୍ୟ ଜୟନ୍ତୀ ସମାରୋହ ଅବସରରେ ସମସ୍ତଙ୍କୁ ଫୁଲବାଣୀ ନିର୍ବାଚନ ମଣ୍ଡଳୀର ସମସ୍ତ ଭାଇ ଭଉଣୀ ବାପା, ମାଆଙ୍କୁ ମୋର ଅଭିନନ୍ଦନ ତଥା ନମସ୍କାର।

ଶ୍ରୀ ଘନ କୁମାର ଶବର
ଫୁଲବାଣୀ ନିର୍ବାଚନ ମଣ୍ଡଳୀର ବିଧାୟକ ଆଶାୟୀ ପ୍ରାର୍ଥୀ
ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ଜିଲ୍ଲା ସଭାପତି,କନ୍ଧମାଳ

## ଅଭିନନ୍ଦନ

ରୌପ୍ୟ ଜୟନ୍ତୀ ସମାରୋହ ଅବସରରେ ଆମର ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ 'ପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। **-ସମ୍ପାଦକ**

## ଲୋକାର୍ପଣ କରିଥାଆନ୍ତେ ଗୃହରାଷ୍ଟ୍ର ମନ୍ତ୍ରୀ, ଭାଙ୍ଗିଦେଲେ ଫଳକ

ଭୁବନେଶ୍ୱର,୩୦।୧(ପି.ଏନ): ବିଶୃଙ୍ଖଳାର ଚରମ ସ୍ଥିତି। ଲୋକାର୍ପଣ ପୂର୍ବରୁ ଭାଙ୍ଗିଦେଲେ ଫଳକ। ତାହା ପୁଣି ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ଅଞ୍ଚଳ ଭାବେ ପରିଚିତ ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ଅଫିସ୍‌ରେ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଦୁଇ ପକ୍ଷରୁ ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି।କାକଟପୁର ବ୍ଲକ୍ ପରିସରରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ମିଶନ ଶକ୍ତି କାଫେ ଓ ୩୫ ଲକ୍ଷ ଟଙ୍କା ବ୍ୟୟରେ ମିଶନ ଶକ୍ତିଭବନ ନିର୍ମାଣ ହୋଇଥିଲା। ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଆଜି ଲୋକାର୍ପିତ କରିବାର ଥିଲା। ହେଲେ ସୋମବାର ରାତିରେ କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ସମର୍ଥକ ଓ ତାଙ୍କ ପତ୍ନୀ ତଥା ସ୍ଥାନୀୟ କଣ୍ଟାପଡା ସରପଞ୍ଚ ରୀନା ନାୟକଙ୍କ ସମର୍ଥକ ଲୋକାର୍ପିତ ହେବାକୁ ଥିବା ଦୁଇଟି ଫ୍ଳକ୍ସର ଫଳକକୁ ତାଡିଦେଇଥିବା ଅଭିଯୋଗ ହୋଇଛି।

## ମହାପ୍ରଭୁଙ୍କ ଆଗରେ ୨ ସେବାୟତ ମାରପିଟ୍, ନୀଳଚକ୍ରରେ ବନ୍ଧା ହେଲାନି ବାନା



ଭୁବନେଶ୍ୱର,୩୦।୧(ପି.ଏନ): କୋଟି ଓଡିଆ ମଉଡମଣୀ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥ। ଜଗତର ହର୍ତ୍ତା କର୍ତ୍ତାଙ୍କ ଆଖି ଆଗରେ ଆଜି ଦୁଇ ସେବାୟତ ହୋଇଛନ୍ତି ହାତାହାତି। ବାନା ବିକ୍ରିକୁ ନେଇ ଉଭୟଙ୍କ ଭିତରେ ମାରପିଟ୍ ହୋଇଛି। ଯେଉଁଥିପାଇଁ ଶ୍ରୀମନ୍ଦିରର ନୀଳଚକ୍ରରେ ବନ୍ଧା ହୋଇପାରିନି ବାନା। ସେପଟେ ସିଂହଦ୍ୱାର ଥାନାରେ ଉଭୟ ପକ୍ଷରୁ ଦୁଇଟି ମାମଲା ହୋଇଛି ।ଆଜି ଅପରାହ୍ନରେ ଶ୍ରୀଜଗନ୍ନାଥଙ୍କ ସମ୍ମୁଖ ନାଟ ମଣ୍ଡପ ଓ ଗରୁଡ ସ୍ତମ୍ଭର ମଝିରେ ମେକାପ ସେବାୟତ ସୋମନାଥ ମେକାପ ବାନା ବିକୁ ଥିବା ଅଭିଯୋଗ ହୋଇଥିଲା। ଏହାକୁ ବିରୋଧ କରିଥିଲେ ଚୁନରା ସେବାୟତ ସାରଦା ମହାନ୍ତି। କିନ୍ତୁ ସୋମନାଥ ନଶୁଣି ତାଙ୍କ ଜେଜମାନଙ୍କୁ ବାନା ଦେଉଥିଲେ। ଯେଉଁଥିପାଇଁ ସୋମନାଥଙ୍କଠାରୁ ବାନା ଭର୍ତ୍ତି ବ୍ୟାଗ ଛଡାଇ ନେଇଥିଲେ ସାରଦା ମହାନ୍ତି। ସେ ବାନା ବ୍ୟାଗକୁ ଛଡାଇ ନେଇ ଗାରଦ ଅଭିମୁଖେ ଯାଉଥିବା ବେଳେ ବିରୋଧ କରିଥିଲେ ସୋମନାଥ। ଏହା ପରେ ଆରମ୍ଭ ହୋଇଥିଲା ମହାଭାରତ।

## ଝାଡଖଣ୍ଡରେ ହଲଚଲ, ପୁଣି ବୈଠକ ଡାକିଲେ ମୁଖ୍ୟମନ୍ତ୍ରୀ ସୋରେନ୍



ନୂଆଦିଲ୍ଲୀ,୩୦।୧(ପି.ଏନ): ଇଡିର ଘନ ଘନ ଚଢ଼ାଉ ଭିତରେ ଝାଡଖଣ୍ଡରେ ଜାରି ରହିଛି ରାଜନୈତିକ ହଲଚଲ। ଜମି ଦୁର୍ନୀତି ମାମଲର ଅର୍ଥ ହେରଫେର ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଜେରା କରିବାକୁ ଆସନ୍ତାକାଲି ଡାକିଛି। ଏହାରି ଭିତରେ ପୁଣି ଥରେ ସନ୍ଧ୍ୟାରେ ବିଧାୟକ ଦଳଙ୍କ ବୈଠକ ଡାକିଛନ୍ତି ସୋରେନ୍। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ସୋରେନ୍ ବିଧାୟକଙ୍କ ସହ ଆଲୋଚନା କରିବେ। ପରବର୍ତ୍ତୀ ରଣନୀତି ନେଇ ଚର୍ଚ୍ଚା ହେବ। କୁହାଯାଉଛି ଯେ, ବୈଠକ ପରେ ହେମନ୍ତ ସୋରେନ୍ ଇସ୍ତଫା ଦେଇପାରନ୍ତି। ତାଙ୍କ ପତ୍ନୀ କଳ୍ପନା ସୋରେନ୍‌ଙ୍କୁ ସେ ମୁଖ୍ୟମନ୍ତ୍ରୀ ଘୋଷଣା କରିପାରନ୍ତି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ମଙ୍ଗଳବାର ବାପୁ ବାଟିକାରେ ତାଙ୍କ ବିଧାୟକମାନଙ୍କୁ ଭେଟିଥିଲେ ଏବଂ ପରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସମୟରେ ଦୀର୍ଘ ଘଣ୍ଟା ଧରି ଗାଏବ ରହିଥିବା ପ୍ରଶ୍ନର ସେ ଉତ୍ତର ଦେଇଛନ୍ତି। ସେ କହିଛନ୍ତି 'ମୁଁ ଆପଣଙ୍କ ହୃଦୟରେ ଥିଲି। ମୁଁ ଥିଲି, ଥିବି ଆଉ ରହିବି।' ଏହା ପୂର୍ବରୁ ହେମନ୍ତ ସୋରେନ ବିଧାୟକମାନଙ୍କୁ ଭେଟିଥିଲେ। ତେବେ ଆଜି ସଂଧ୍ୟାରେ ଜେଏମଏମ ବିଧାୟକ ଦଳର ବୈଠକ ବସି ଦଳର ପରବର୍ତ୍ତି କାର୍ଯ୍ୟପନ୍ଥା ସଂପର୍କରେ ବିଚାର କରାଯିବ। ଦୁଇ ଦିନ ଧରି ହେମନ୍ତ ସୋରେନ୍ ଗାଏବ ଥିଲେ। ତେବ ଆଜି ହଠାତ୍ ରାଞ୍ଚିରେ ପହଞ୍ଚିବା ପରେ ବିଧାୟକଙ୍କ ସହ ମିଶି ନିଜ ସରକାରର ସେ ଏକତା ପ୍ରଦର୍ଶନ କରିଛନ୍ତି।










# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା। ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଢ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଟକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




## କାର୍ଯ୍ୟକ୍ଷମ ନ ହୋଇ ଶୋଚନୀୟ ହୋଇ ପଡ଼ିଛି ଲାଇଟ୍

# ନୂଆଗଡ ବ୍ଲକ ମହକୁମାରେ ବିଜୁଳି ବତୀ କାର୍ଯ୍ୟକ୍ଷମ ଦାବି



**ପାରଳାଖେମୁଣ୍ଡି(ପି.ଏନ୍) :** ଗଜପତି ଜିଲ୍ଲାର ନୂଆଗଡ଼ ବ୍ଲକ ମହକୁମାରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ନୂଆଗଡ଼ ବ୍ଲକ ଅଧୀନରେ ଥିବା ନୂଆଗଡ଼ ଗ୍ରାମ ପଞ୍ଚାୟତର ନୂଆଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର, ପାନୀୟଜଳ ଯୋଗାଣ ପମ୍ପ ଗୃହ, ବ୍ଲକ କାର୍ଯ୍ୟାଳୟର, ତହସିଲ କାର୍ଯ୍ୟାଳୟ, ପୁରୁଣା ବସ୍ ଷ୍ଟାଣ୍ଡ, ସମ୍ମୁଖରେ ଲାଇଟ୍ ଗୁଡ଼ିକ ଦୀର୍ଘଦିନ ହେବ କାର୍ଯ୍ୟକ୍ଷମ ନହୋଇ ଅତି ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି। ବର୍ତ୍ତମାନ ଦେଶ ସ୍ୱାଧୀନତାର ୭୭ ବର୍ଷରେ ପଦାର୍ପଣ କରିଛି। କିନ୍ତୁ, ଯୋଜନାର ବାସ୍ତବ ଚିତ୍ର କିନ୍ତୁ ଓଲଟା ଦେଖିବାକୁ ମିଳିଛି। ଲାଇଟ୍ ଗୁଡ଼ିକ କାର୍ଯ୍ୟକ୍ଷମ ନହେବା ଯୋଗୁଁ ରାତ୍ରି ହେଲେ ସ୍ଥାନୀୟ ବାସିନ୍ଦା ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହେଉଛି। ରାଜ୍ୟ ସରକାର ଏହି ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ଖର୍ଚ୍ଚ କରୁଥିବା ବେଳେ ଲାଇଟ୍ ଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟକ୍ଷମ ନହୋଇ ତାହା ଅତି ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି। ଏନେଇ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି । ଏବଂ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଏସଂକ୍ରାନ୍ତରେ ସ୍ଥାନୀୟ ନୂଆଗଡ଼ ବ୍ଲକ୍ ପ୍ରଶାସନ ପକ୍ଷରୁ ଆଜି ପର୍ଯ୍ୟନ୍ତ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଲୋକେ ବ୍ଲକ୍ ପ୍ରଶାସନଙ୍କୁ ବାରମ୍ବାର ଉପରୋକ୍ତ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ ମଧ୍ୟ ଉକ୍ତ ସମସ୍ୟା ପ୍ରତି କୌଣସି ଗୁରୁତ୍ୱ ଦେଉନଥିବା ସାଧାରଣରେ ଅଭିଯୋଗ ହେଉଛି। ଏଣୁ, ନୂଆଗଡ଼ ବ୍ଲକ୍ ପ୍ରଶାସନ ଉପରୋକ୍ତ ସମସ୍ୟା ଉପରେ ଅତି ଗୁରୁତ୍ୱ ଦେବା ସହ ଲାଇଟ୍ ଗୁଡ଼ିକ ପୁନଃ କାର୍ଯ୍ୟକ୍ଷମ କଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ।

# ବିକଶିତ ଭାରତ ଗଠନରେ ନିର୍ଣ୍ଣାୟକ ହେବେ ପିଲା



**ଖୋର୍ଦ୍ଧା(ପି.ଏନ୍) :** ବିକଶିତ ଭାରତ ଗଠନରେ ନିର୍ଣ୍ଣାୟକ ହେବେ ଆଜିର ପିଲା । ୨୦୪୭ ବେଳକୁ ସେମାନେ ହେବେ ନୂଆ ଭାରତର କର୍ଣ୍ଣଧାର। ସେଥିପାଇଁ ସେମାନଙ୍କୁ ଗଢି ତୋଳିବାର ଗୁରୁ ଦାୟିତ୍ୱ ଆମର ବୋଲି ବକ୍ସି ଜଗବନ୍ଧୁ ସ୍ମାରକ ମଂଚର ସମ୍ପାଦକ ସମରେନ୍ଦ୍ର ବଳିଆରସିଂହ କହିଛନ୍ତି। ସ୍ଥାନୀୟ ବକ୍ସି ଜଗବନ୍ଧୁ ନଗର ସ୍ଥିତ ନାଇଡୁ ଇଂଟରନାସନାଲ ସ୍କୁଲର ସାଧାରଣତଂତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ପତାକା ଉତ୍ତୋଳନ କରିବା ସହ କୁନି କୁନି ପିଲାମାନଙ୍କୁ ଉଦବୋଧନ ଦେଇଥିଲେ। ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ବାବଦରେ ସମସ୍ତେ ଜାଣିବା ଉଚିତ ଏବଂ ଶିକ୍ଷାନୁଷ୍ଠାନମାନେ ଏ ଦିଗରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ଦେଶପ୍ରେମ ଭିତ୍ତିକ ବହୁବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ଅଧ୍ୟକ୍ଷା ସୁଜାତା ପାଟ୍ଟଶାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସସ୍ମିତା, ରଶ୍ମୀତା, ଲୋପାମୁଦ୍ରା, ପ୍ରିୟଦର୍ଶିନୀ, ସୁବାସିନୀ ପ୍ରମୁଖ ପରିଚାଳନା କରିଥିଲେ। ସ୍କୁଲର ପରିଚାଳକ ଅଭିଲାଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟକଙ୍କ କାର୍ ଦୁର୍ଘଟଣାଗ୍ରସ୍ତ : ୫ ଆହତ



**ପାରଳାଖେମୁଣ୍ଡି(ପି.ଏନ୍) :** ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅଧିନ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ପର୍ବତକୁ ବୁଲି ଯାଇଥିବା ୫ଜଣ ପର୍ଯ୍ୟଟକଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ହୋଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ଶୁକ୍ରବାର ସାଧାରଣତନ୍ତ୍ର ଦିବସ ଅବସରରେ ବ୍ରହ୍ମପୁର ସହରର ୪ ଜଣ ମହିଳାଙ୍କ ସମେତ ଡ୍ରାଇଭର ଏକ କାର(OD33 AJ 1395) ଯୋଗେ ଐତିହାସିକ ସୁଳ ମହେନ୍ଦ୍ରଗିରି ବୁଲିବାକୁ ଯାଇ ଫେରୁଥିଲେ। ଅପରାହ୍ନ ୪ଟା ସମୟରେ ହଠାତ୍ କାରଟି ଭାରସାମ୍ୟ ହରାଇ ତିରିଶି ଫୁଟ ପାହାଡ଼ ତଳକୁ ଖସି ଚାଲିଯାଇଥିଲା । ଫଳରେ ସମସ୍ତେ ଗୁରୁତର ଆହତ ହୋଇଥିଲାବେଳେ ସ୍ଥାନୀୟ ଲୋକେ ଆହତମାନଙ୍କୁ ପ୍ରଥମେ କଇଁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତେବେ ଅଧିକ ଚିକିତ୍ସା ପାଇଁ ଆହତଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଘଟଣାସ୍ଥଳରେ ଗାରାବନ୍ଧ ପୁଲିସ ପହଂଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ଗଜପତି ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ



**ପାରଳାଖେମୁଣ୍ଡି(ପି.ଏନ୍) :** ଗଜପତି ଜିଲ୍ଲା ସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡିଆ ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଜାତୀୟ ଉତ୍ସବରେ ମାନ୍ୟବର ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଶାନ୍ତି, ମୈତ୍ରୀ, ସମୃଦ୍ଧି ଓ ସ୍ୱାଭିମାନର ପ୍ରତୀକ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ତାଙ୍କର ଅଭିଭାଷଣରେ କଳା, ସାହିତ୍ୟ, ସଂସ୍କୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଆଦିଭୂମି, ଉତ୍କଳର ଅନ୍ୟତମ ପୁଣ୍ୟପୀଠ ହେଉଛି ଗଜପତି। ଏହି ଐତିହ ସଂପନ୍ନ ଅଞ୍ଚଳ କୁ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଦେବା ଏବଂ ଉନ୍ନତି ପାଇଁ ଓଡିଶା ର ବରପୁତ୍ର, ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ବିଶେଷ ଅବଦାନ ଥିଲା। ଦକ୍ଷିଣ ଓଡ଼ିଶାର ଉପାନ୍ତ ଅଞ୍ଚଳରେ ଥିବା ଏହି ମାଟିର ପ୍ରତ୍ୟେକ ସ୍ଥାନ ଯେଭଳି ପବିତ୍ର ମହେନ୍ଦ୍ର ତନୟାର ଶୀତଳ ଜଳ ଧାରାର ସ୍ପର୍ଶରେ ସବୁଜିମା ଭରା, ଏହି ଭୂଖଣ୍ଡର ପ୍ରାଚୀନ ଇତିହାସ ମଧ୍ୟ ସେହିଭଳି ଗୌରବ , ରାଜନୀତି ଠାରୁ ଆରମ୍ଭ କରି କଳା, ସଙ୍ଗୀତ ଓ ନାଟ୍ୟ ଜଗତରେ ପ୍ରତିଭା ସମ୍ପନ୍ନ ଅନେକ ଯୋଗଜନ୍ମା ମହାମନୀଷ ମାନଙ୍କୁ ଏହି ମାଟି ଜନ୍ମ ଦେଇଛି। ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ତା'ର ସ୍ୱାଧୀନତା ଲାଭ କଲା। ଭାରତୀୟମାନେ ଇଂରେଜ ପ୍ରଣୀତ ସମ୍ବିଧାନ ଦ୍ୱାରା ଶାସିତ ହେଉଥିଲେ। ସ୍ୱାଧୀନତା ଲାଭର ପ୍ରାକ୍ କାଳରେ ସମ୍ବିଧାନ ପ୍ରଣୟନ ସଭାକୁ ଭାରତ ପାଇଁ ଏକ ନୂତ ସମ୍ବିଧାନ ପ୍ରଣୟନ ନିମିତ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ସମ୍ବିଧାନ ପ୍ରଣେତା ଡ଼ଃ.ବି.ଆର୍ ଆମ୍ବେଦକର ଙ୍କ ନେତୃତ୍ୱରେ ବହୁ ଶ୍ରମ ସ୍ୱୀକାର କରି ୧୯୪୯ ଜାନୁୟାରୀ ୨୬ ରେ ସମ୍ବିଧାନ ପ୍ରସ୍ତୁତି ଶେଷ କଲେ। ୧୯୫୦ ଜାନୁୟାରୀ ୨୬ ତାରିଖରେ ଭାରତର ନୂତନ ସମ୍ବିଧାନ କାର୍ଯ୍ୟକାରୀ ହେଲା। ଭାରତ ନିଜକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ରରୂପେ ଘୋଷଣା କଲା। ଭାରତ ଇତିହାସରେ ଏହା ଏକ ସ୍ମରଣୀୟ ଦିବସ ରୂପେ ପରିଚିତ । ସ୍ୱାଧୀନତାର ଏହି ମହାଯଜ୍ଞରେ ପାରଳାର ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୁଦନ ଦାସ ଥିଲେ ଅନ୍ୟତମ । ଆମ ଗଜପତି ର ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ସମେତ ନାରାୟଣ ପାତ୍ର, ବଳରାମ ପଣ୍ଡା, ଆପନ୍ନା ପାତ୍ର, ମାଧବ ରାଉତ, ରସିକ ଜେନା, ଯୁଗଳ କିଶୋର ପାଣିଗ୍ରାହୀ ଇତ୍ୟାଦି ଅସହଯୋଗ, ଆଇନ ଅମାନ୍ୟ ଓ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ବୈଠକ

**ଧର୍ମଶାଳା(ପି.ଏନ୍) :** ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ମହୋତ୍ସବକୁ ନେଇ ଏକ ସର୍ବଦଳୀୟ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । କମିଟିର ଉପ ସଭାପତି ଇନ୍ଦ୍ରମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବିଜେପି ନେତ୍ରୀ ସ୍ମୃତିରେଖା ପହି,ଧର୍ମଶାଳା ପ୍ରେସ କ୍ଲବର ସଭାପତି ରମାକାନ୍ତ ଜେନା ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଥାନା ଅଧିକାରୀ ତପନ କୁମାର ନାୟକ ପ୍ରମୁଖ ଯୋଗଦେଇ ନିଜର ମତାମତ ରଖିଥିଲେ। ସେହିପରି କମିଟିର ସଭାପତି ଜଳଧର ମହାନ୍ତି, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଶତପଥୀ,ଜାରକା ମେଲଣ କମିଟି ସଭାପତି ଅଜାୟର ସାହୁ ଜଗନ୍ନାଥ ମନ୍ଦିର କମିଟି ସମ୍ପାଦକ ପ୍ରସନ୍ନ କୁମାର ବରାଳ, ଜାରକା ମେନମାର୍କେଟ ସଭାପତି ଅଶୋକ କୁମାର ସାହୁ, ବଡବଜାର କମିଟିର ସମ୍ପାଦକ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି,ଜାରକା ରୋଟାରି କ୍ଲବର ସଭାପତି ଇଂ ବିପିନ କିଶୋର ଷଡଙ୍ଗୀ, ପ୍ରେସ କ୍ଲବ ପକ୍ଷରୁ ବଟକୃଷ୍ଣ ପରିଡା, ସମ୍ପାଦକ ଅବିନେଶ୍ୱର ଶତପଥ. କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କଂଗ୍ରେସ ନେତା କିଶାନ ପଣ୍ଡା ଅନୁପସ୍ଥିତ ରହି ଏହି ଆଲୋଚନାରେ ଯାହା ନିଷ୍ପତି ଗ୍ରହଣ କରାଯିବ ତାକୁ ସେ ସମର୍ଥନ କରିବେ ବୋଲି ସେ ଦେଇଥିବା ବାର୍ତ୍ତାକୁ ସମ୍ପାଦକ ପଢିଥିଲେ । ଧର୍ମଶାଳା ମହୋତ୍ସବ ପ୍ରତି ବର୍ଷ ଅଧିକ ଗହଳି ହେବା ସହ ଦୋକାନ ବଜାର ବୃଦ୍ଧି ପାଉଥିବାରୁ ଗହଳିକୁ ଏଡାଇବା ଲାଗି ମହୋତ୍ସବ ସମୟରେ ଏଠାକ ଆସୁଥିବା କିଛି ବ୍ୟବସାୟୀମାନଙ୍କୁ ଅନ୍ୟତ୍ର ସ୍ଥାନ ନିରୁପଣ କରି ସ୍ଥାନାନ୍ତର କରିବାକୁ ଅନେକ ମତ ଦେଇଥିଲେ । ବର୍ତ୍ତମାନ ଠାରୁ ଏଥିଲାଗି ଜାରକାସ୍ଥିତ ଶିଶୁ ଉଦ୍ୟାନ ସମ୍ମୁଖରେ ଥିବା ସରକାରୀ ଜମିକୁ ମହୋତ୍ସବ ସମୟରେ ବ୍ୟବହାର ସହିତ ସମୂହ କାର୍ଯ୍ୟରେ ବ୍ୟବହାର ଲାଗି ଏହାକୁ ସଂରକ୍ଷିତ ରଖାଯିବାକୁ ସ୍ଥିର କରାଯାଇଥିଲା ।

# ପଞ୍ଚାୟତ ସ୍ତରୀୟ ମାଗଣା ସ୍ୱାସ୍ଥ୍ୟ ଶିବିର



**ଧାମନଗର(ପି.ଏନ୍) :** ଧାମନଗର ବ୍ଲକ ଅନ୍ତର୍ଗତ ମୁସ୍ତାଫାପୁର ଓ ଦୋବଲ ପଞ୍ଚାୟତକୁ ନେଇ ପଞ୍ଚାୟତ ସ୍ତରୀୟ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶନିବାର ଆମ ଓଡ଼ିଶା ନବୀନ ଓଡିଶା ଜିଲ୍ଲା ସଂଯୋଜକ ତଥା ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା.ସଞ୍ଜୟ କୁମାର ଦାସଙ୍କ ସଂଯୋଜନାରେ ମୁସ୍ତାଫାପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ଏହି ପଞ୍ଚାୟତ ସ୍ତରୀୟ ସ୍ୱାସ୍ଥ୍ୟ ଶିବିରରେ ବିଶିଷ୍ଟ ବିଶେଷଜ୍ଞ ଭୁବନେଶ୍ୱର,କଟକ ଓ ବାଲେଶ୍ୱର ଭଳି ବିଭିନ୍ନ ଜିଲ୍ଲାରେ ଥିବା ବଡ଼ ବଡ଼ ଡାକ୍ତରଖାନାର ଭେଷଜ,ଶଲ୍ୟ, ମେଡ଼ିସିନ, ଡାଇବେଟିସ, ଗେଷ୍ଟ୍ରୋ, ଆଖି ନାକ କାନ ଓ ଶିଶୁ ରୋଗ ଭଳି ପାଖାପାଖି ୧୦ଟି ବିଭାଗର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା ସହ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ସକାଳ ୧୦ଘଟିକା ସମୟରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଚାଲିଥିବା ଏହି ଶିବିରରେ ପାଖାପାଖି ୫୦୦ରୁ ଉର୍ଦ୍ଧ ରୋଗୀ ନାମ ପଞ୍ଜିକରଣ କରି ନିଜର ଚିକିତ୍ସା କରାଇଥିଲେ। ଏହି ପଞ୍ଚାୟତ ସ୍ତରୀୟ ସ୍ୱାସ୍ଥ୍ୟ ଶିବିରରେ ଧାମନଗର ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ଅଶୋକ କୁମାର ନାୟକ ଯୋଗଦେଇ ଅଭିଜ୍ଞ ଡାକ୍ତରଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ,ବ୍ଲକ ବିଜେଡି ସଭାପତି ଉମେଶ ଚନ୍ଦ୍ର ମହାନ୍ତି,ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ,ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ,ବିଜେଡି ନେତା ପ୍ରତାପ ସାମଲ,କୃଷ୍ଣଚନ୍ଦ୍ର ପତି,ଜୋତି ପ୍ରକାଶ ସାମଲଙ୍କ ସମେତ ବହୁ ଗ୍ରାମବାସୀ,ଦଳୀୟ କର୍ମୀ ଓ ନେତା ଉପସ୍ଥିତ ରହି ସହଯୋଗ କରିଥିଲେ।

# ନମ ନବ ମତଦାତା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ



**ପାରଳାଖେମୁଣ୍ଡି(ପି.ଏନ୍) :** ଗଜପତି ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ତଥା ଜିଲ୍ଲା ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷ'ରୁ ଆଜି ପାରଳାଖେମୁଣ୍ଡି ସ୍ଥିତ ରାଜଦାଣ୍ଡ ସାହିରେ ଥିବା ବିଶ୍ୱନାଥ କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷ ଠାରେ "ନମୋ ନବ ମତଦାତା ସମ୍ମିଳନୀନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଜ୍ଜଳ ଭାରତ ଗଠନ ଦିଗରେ ଏହା କିଭଳି ଯୁବ ତଥାଭାରତ ଗଠନ ଦିଗରେ ଏହା କିଭଳି ଯୁବ ତଥା ନୂତନ ଭୋଟର ମାନଙ୍କୁ ପ୍ରେରଣା ଯୋଗାଇବ, ଏବଂ ନୂତନ ଭୋଟର ମାନଙ୍କ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ରହିଥ?ବା ଲକ୍ଷ ସମ୍ପର୍କରେ ଏହି " ନମୋ ନବମତଦାତା ସମ୍ମିଳନୀ" କାର୍ଯ୍ୟକ୍ରମ' ଉଦ୍ଧିଷ୍ଟ ଏବଂଏହି ସମ୍ମିଳନୀ କାର୍ଯ୍ୟକ୍ରମ'କୁ ପ୍ରଧାନମନ୍ତ୍ରୀନରେନ୍ଦ୍ର ମୋଦୀ ଆଭାସି ମାଧ୍ୟମରେ ସମ୍ବୋଧିତ କରିବା ସହ ନୂତନ ଭୋଟର ମାନଙ୍କ ନିମନ୍ତେ ସଚେତନତା ବାର୍ତ୍ତା ରଖୁଥିଲେ ଏବଂ ତାହା ଏଲଇଡି: ମାଧ୍ୟମରେ ଉପସ୍ଥିତ ନୂତନ ଭୋଟର , କଲେଜ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀ ଏବଂ ଯୁବ ନେତା ମାନଙ୍କୁ ପ୍ରଦର୍ଶନ କରା ଯାଇଥିଲା ।ଏହି ଅବସର'ରେ ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବାଳକୃଷ୍ଣ ପାତ୍ର'ଙ୍କ ସଭାପତିତ୍ୱ'ରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ତଥାବିଜେପି ଜିଲ୍ଲା ସଭାପତି ଶ୍ରୀ କେ: ନାରାୟଣ ରାଓ ଯୋଗ ଦେଇ ନୂତନ ଭୋଟର ମାନେ ହେଲେ ଦେଶର ଭବିଷ୍ୟତ ଓ ମେରୁଦଣ୍ଡ । ନୂତନ ଭୋଟର ମାନଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସେମାନଙ୍କ ଦାୟିତ୍ୱ ଓ ଭୂମିକା ସମ୍ପର୍କରେପାତ୍ର'ଙ୍କ ସଭାପତିତ୍ୱ'ରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ତଥା ବିଜେପି ଜିଲ୍ଲା ସଭାପତି ଶ୍ରୀ କେ: ନାରାୟଣ ରାଓ ଯୋଗ ଦେଇ ନୂତନ ଭୋଟର ମାନେ ହେଲେ ଦେଶର ଭବିଷ୍ୟତ ଓ ମେରୁଦଣ୍ଡ । ନୂତନ ଭୋଟର ମାନଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସେମାନଙ୍କ ଦାୟିତ୍ୱ ଓ ଭୂମିକା ସମ୍ପର୍କରେ କହିବା ସହ ଭବିଷ୍ୟତ'ରେ ଭଲ, ସୁଦୃଢ଼ ଓ ବିକଶିତ ରାଷ୍ଟ୍ର ନିର୍ମାଣ ଦିଗରେ ସେମାନଙ୍କ ଭୋଟ କେତେ ମୂଲ୍ୟବାନ କହି ଭଲ ପ୍ରତିନିଧି ତଥା ନେତାଟି'ଏ ବାଛି ରାମରାଜ୍ୟ ଗଠନରେ ସହାୟକ ହେବା ସମ୍ପର୍କରେ ଉପସ୍ଥିତ ସମସ୍ତ'ଙ୍କୁ ସଚେତନ କରାଇ ଥିଲେ । ଏହି କାର୍ଯ୍ୟକ୍ରମ'ରେ ଅନ୍ୟମାନଙ୍କମଧ୍ୟରେ[illegible] , ଜଗନ୍ନାଥ ମହାପାତ୍ର , ବାବୁନା ବେହେରା ଏବଂ କେ: ପ୍ରଶାନ୍ତ ପ୍ରମୁଖ ଜିଲ୍ଲା ବିଜେପି'ର ବରିଷ୍ଠ ନେତୃବୃନ୍ଦ ମଞ୍ଚାସିନ ଥିଲେ ।

## ମା ସମଲେଇ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

# ଗଜପତିର ୫ ଜଣ ସେବାୟତ ଯୋଗଦେଲେ

**ପାରଳାଖେମୁଣ୍ଡି(ପି.ଏନ୍) :** ଆସନ୍ତା କାଲି ଜାନୁଆରି ୨୭ ତାରିଖରେ ହେବାକୁ ଥିବା ମା ସମଲେଇ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ଗଜପତି ଜିଲ୍ଲାର ରୁ ୫ ଜଣ ସେବାୟତ ତଥା ଲୁହାଖମ୍ବ ମନ୍ଦିର ରୁ ଶ୍ରୀ ଚିତ୍ରସେନ ନାୟକ ଓ ଶ୍ରୀ ହରୀ କାର୍ଜି ସେହିପରି ଜଗନ୍ନାଥ ମନ୍ଦିର ଚନ୍ଦ୍ର ଗିରିରୁ ରୁ ଶ୍ରୀ ରାମ ଚନ୍ଦ୍ର ପୁଝାରୀ ଓ ଶ୍ରୀ ବସନ୍ତ କୁମାର ପ୍ରଧାନ, ମା କୁରେଇଶୁଣୀ ମନ୍ଦିରରୁ ପୂର୍ଣ୍ଣ ଚନ୍ଦ୍ର ରାଉତ ଓ ଶ୍ରୀ କୁଞ୍ଜ ବିହାରୀ ବଡ଼ନାୟକ ସମେତ ନୋଡାଲ ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ସମ୍ବଲପୁର ସ୍ଥିତ ମା ସମଲେଇ ମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଲୋକାର୍ପଣ ଉତ୍ସବରେ ଯୋଗ ଦେବା ପାଇଁ ଆଜି ଏକ ସତନ୍ତ୍ର ଗାଡ଼ି ଯୋଗେ ବାହାରିଛନ୍ତି। ଏହି ଗାଡ଼ିକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ଦାସ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ସମେତ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ନିୟତି ମାନସିକ ଅନଗ୍ରସର ସ୍କୁଲରେ ଗଣତନ୍ତ୍ର ଦିବସ



**ପାରଳାଖେମୁଣ୍ଡି(ପି.ଏନ୍) :** ଗଜପତି ଜିଲ୍ଲାର ରାଣିପେଣ୍ଠ ଗ୍ରାମ ନିକଟସ୍ଥ ନିୟତି ମାନସିକ ଅନଗ୍ରସର ସ୍କୁଲ ପକ୍ଷରୁ ୭୫ ତମ ଗଣ ତନ୍ତ୍ର ଦିବସ ପାଳିତ ହୋଇଯାଇଛି. ସମ୍ପାଦିକା ଶ୍ରୀମତୀ ତନୁଜା ଶତପଥୀ, କୋଷାଧକ୍ଷ, ଶ୍ରୀ ଲୋକନାଥ ମିଶ୍ର , ଯୋଗ ଦେଇ ନିୟତି ଅନୁଷ୍ଠାନର ସମ୍ପାଦିକା ତନୁଜା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଥିଲେ, ଗଣତନ୍ତ୍ର ଦିବସ ଅବସର ରେ ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସ୍କୁଲର ଅଧକ୍ଷା ଶ୍ରୀ ସ୍ନେହଲତା ପାଣିଗ୍ରାହୀ, ଯଛନା ଡାକୁଆ, ଶାଶ୍ୱତୀ ବେବର୍ତ୍ତା ,ସୁନିତ କୁମାର ଗମାଙ୍ଗ, ଉପସ୍ଥିତ ଥିଲେ ଶେଷରେ ସ୍ନେହଲତା ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସ୍କୁଲର ଅଧକ୍ଷା ସମେତ ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀ ସ୍ନେହଲତା ପାଣିଗ୍ରାହୀ, ଜଛନା ଡାକୁଆ, ଶାଶ୍ୱତୀ ବେବର୍ତ୍ତା । ସୁନିତ କୁମାର ଗମାଙ୍ଗ, ଉପସ୍ଥିତ ପ୍ରମୁଖ ଉପସ୍ଥିତ ଥିଲେ ଶେଷରେ ସ୍ନେହଲତା ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ୭୫ତମ ଜନରାଜ୍ୟ ଦିବସ ପାଳନ



**ପାରଳାଖେମୁଣ୍ଡି(ପି.ଏନ୍) :** ସହରାଞ୍ଚଳ ଇଁରାଜି ମାଧ୍ୟମିକ ବିଦ୍ୟାଳୟ ବିକାଶ ବିଦ୍ୟା ନିକେତନ ଆବାସିକ ବିଦ୍ୟାଳୟ ପରିସରରେ ୭୫ତମ ଜନରାଜ୍ୟ ଦିବସ ପାଳନ ହୋଇସାରିଛି। ଭାରତର ତଥା ପୃଥିବୀର ଏକ ମାତ୍ର ସର୍ବ ବୃହତ୍ ଲିଖିତ ସମ୍ବିଧାନକୁ ପ୍ରତ୍ୟେକ ଭାରତୀୟ ସର୍ବଦା ସମ୍ମାନ ଦେବା ବାଞ୍ଛନୀୟ ବୋଲି ବକ୍ତା ମାନେ କହିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ବିଚିତ୍ରାନନ୍ଦ ବେବର୍ତ୍ତା ଯୋଗଦାନ କରି ଥିଲାବେଳେ ବିକାଶ ଅନୁଷ୍ଠାନର ସମ୍ପାଦକ ତଥା ସଂସ୍ଥାପକ ଲାଲ ମୋହନ୍ ଆଚରୀ ଅଧକ୍ଷ କୁରେଶ ତ୍ରିପାଠୀ, ହଷ୍ଟେଲ ତତ୍ତ୍ୱାବଧାରକ ଶିବା ରାଓ, କାର୍ଯ୍ୟକ୍ରମକୁ ପରିଚାଳିତ କରିଥଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ,କର୍ମଚାରୀ ସହଯୋଗ କରିଥିଲେ।ଏହି ଅବସରରେ ପୁରସ୍କାର ବିତରଣ, ଏବଂ ନୃତ୍ୟ ଗୀତ ଅନୁଷ୍ଟିଟ ହୋଇ ସାରିଛି।

# ଦୋନୁରୁ ସରକାରୀ ହାଇସ୍କୁଲର ବିଦ୍ୟାର୍ଥୀ ରାଜ୍ୟସ୍ତରୀୟ ହକି ଖେଳ ପାଇଁ ଚୟନ

## ହେଲେ ଏଠାରେ ନାହିଁ ଖେଳ ସାମଗ୍ରୀ ଓ ଆବଶ୍ୟକ ଖେଳ ପଡିଆ



**ପାରଳାଖେମୁଣ୍ଡି(ପି.ଏନ୍) :** ଗଜପତି ଜିଲ୍ଲା ଅନ୍ତର୍ଗତ ଦୋନୁରୁ ହାଇସ୍କୁଲର ଛାତ୍ରଛାତ୍ରୀମାନେ ହକି ଖେଳରେ ବିଭିନ୍ନ ପ୍ରତିଯୋଗିତାରେ ଯୋଗଦେଇ ବେଶ ସୁନାମ ଅର୍ଜନ କରିଛନ୍ତି. ଯାହାକି ଗଜପତି ଜିଲ୍ଲା ପାଇଁ ଏକ ଗର୍ବ ଗୌରବର କାରଣ. ହେଲେ ଏହି ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ଆବଶ୍ୟକ ହକି ଖେଳ ସାମଗ୍ରୀ ଦିଆଯାଉନାହିଁ. ହକି ଖେଳିବା ପାଇଁ ମଧ ଆବଶ୍ୟକ ଖେଳ ପଡିଆର ଅଭାବ ଏଠାରେ ରହିଛି. ଏଠାରେ ସୂଚନାଯୋଗ୍ୟଯେ, ଗୋଷାଣୀ ବ୍ଲକ୍ ଦୋନୁରୁ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ବାହାର ରାଜ୍ୟରେ ହକି ଖେଳ ପ୍ରତଯୋଗିତାରେ ଭାଗ ନେଇ ଅନେକ ମେଡାଲ ଜିତିବା ସହ ନିଜ ସ୍କୁଲ ଏବଂ ଗଜପତି ଜିଲ୍ଲା ପାଇଁ ଅନେକ ପ୍ରଶଂସା ସାଉଟିଛନ୍ତି ଏବଂ ଜିଲ୍ଲା ପ୍ରଶାସନର ସୁନାମ ଅର୍ଜନ କରିଛନ୍ତି । ଗଜପତି ଜିଲ୍ଲା ଏବଂ ଜିଲ୍ଲା ପ୍ରଶାସନ ପାଇଁ ଏକ ଗର୍ବର ବିଷୟ ଯେ ଗୋଷାଣୀ ବ୍ଲକ୍ ଦୋନୁରୁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ହକି ଖେଳ ପାଇଁ ରାଜ୍ୟ ସ୍ତରୀୟ ହକି ଖେଳ ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ଚୟନ ହୋଇଥିବା ବେଳେ ଦୁଃଖର ବିଷୟ ଯେ ରାଜ୍ୟ ସରକାର ଛାତ୍ର ଛାତ୍ରୀଙ୍କ ପାଠ ପଢ଼ା ସହ ଖେଳକୁଦ ପାଇଁ ବି ଅଧିକ ଅତି ଗୁରୁତ୍ୱ ଦେଉଥିବା ବେଳେ ଏହି ସ୍କୁଲର ଯେଉଁ ପିଲା ମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ହକି ଖେଳ ପାଇଁ ଚୟନ ହୋଇଛନ୍ତି ସେମାନଙ୍କ ନିମନ୍ତେ ହକି ଖେଳ ନିମନ୍ତେ ଆବଶ୍ୟକୀୟ ସାମଗ୍ରୀ ଅଭାବ ଥିବା ଜଣା ପଡ଼ିଛି । ବର୍ତ୍ତମାନ ସ୍ଥାନୀୟ ସ୍କୁଲର ଖେଳ ଶିକ୍ଷକ ଏମ୍ ସୁନୀଲ ରେଡ୍ଡୀ ନିଜ ଦରମା ଟଙ୍କାରୁ କିଛି ହକି ଖେଳ ପାଇଁ ଆବଶ୍ୟକ ଥିବା ଜିନିଷ କିଣି ଆମକୁ ଦେଉଛନ୍ତି ବୋଲି ସ୍କୁଲର ଛାତ୍ରଛାତ୍ରୀମାନେ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚନା ଦେଇ କହିଛନ୍ତି ଯେ ଦୁଃଖର ବିଷୟ ଏହି ଯେ, ଆମମାନଙ୍କ ଖେଳ ଅଭ୍ୟାସ କରିବା ନିମନ୍ତେ ନିଜ ସ୍କୁଲ୍ ରେ ଭଲ ଖେଳ ପଡିଆ ନ ଥିବା ହେତୁ ଏହି ସ୍କୁଲ ଛାତ୍ର ଛାତ୍ରୀ ମାନେ ପାଣି ସୁଖିଯାଇଥିବା ବିରାଟ ବନ୍ଧର ଶୁଷ୍କ ଭାଗରେ ହକି ଖେଳ ଅଭ୍ୟାସ କରୁଛନ୍ତି। ତେଣୁ, ସେଠି ଖେଳ ଅଭ୍ୟାସ କଲା ବେଳେ ନାନା ସମସ୍ୟା ଦେଖାଯାଉଛି ବୋଲି ଗଣ ମାଧ୍ୟମ ଜରିଆରେ ଛାତ୍ର ଛାତ୍ରୀମାନେ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନଙ୍କୁ ଜଣାଇବା ସହ ଜିଲ୍ଲା ପ୍ରଶାସନଙ୍କୁ ଉତ୍ତମ ଖେଳ ପଡିଆ ଯୋଗାଇ ଦେବା ସହ ଆବଶ୍ୟକ ଥିବା ହକି ଖେଳ ଜିନିଷ ଯୋଗାଇଦେବା ନିମନ୍ତେ ଅନୁରୋଧ କରିଛନ୍ତି। ତେଣୁ ଆଗକୁ ଦେଖିବାକୁ ବାକି ରହିଲା ଗଣମାଧ୍ୟମରେ ଖବର ପ୍ରସାରଣ ହେଲା ପରେ କେବେ ଆମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଛାତ୍ର ଛାତ୍ରୀ ମାନଙ୍କ ପାଖକୁ ପହଞ୍ଚି ଏ ସମସ୍ୟା ସମାଧାନ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ଜାନୁଆରୀ ୩୧**

# ପୋଷ୍ଟ ଟ୍ରମାଟିକ୍ ଗ୍ରୋଥ



ଡାକ୍ତର ସମ୍ରାଟ କର

ମୋର ଅନୁଜ ପ୍ରତିମ ଲିପିକାର ବନ୍ଧୁ ଶ୍ରୀକାନ୍ତ ମଝିରେ ଛୁଟି କଟାଇବା ପାଇଁ ଗାଁକୁ ଯାଇଥିଲେ । ସେ ସେଠାରୁ ଫେରିବା ପରେ ବଡ଼ ବ୍ୟସ୍ତ ହୋଇ ମୋ କ୍ଲିନିକରେ ମୋତେ ସାକ୍ଷାତ କଲେ ତାଙ୍କୁ ଚା ପିଇବା ପାଇଁ ଦେଇ କହିଲି ବ୍ୟସ୍ତତାର କାରଣ କ'ଣ ଟିକେ କୁହ? ସେ ମୋତେ କହିଲେ ମୋର ଜଣେ ସମ୍ପର୍କୀୟ ଭାଇ ସୁକୁଟା ଭାରି ମନସ୍ତାପରେ ରହୁଛି । ପଇସାପତ୍ର ଧନ୍ଦା ଏଣେତେଣେ କ'ଣ କରିଦିଏ, ତାର ଝିଅଫିଅ ଚକ୍କର ତା ଭାଉଜ ଅର୍ଥାତ୍ ମୋ ଧର୍ମପତ୍ନୀ ଥରେ ଅଧେ ମୋ କାନରେ ପକାଇଥିଲେ କିନ୍ତୁ ସୁକୁଟାଟା ବାସ୍ତବରେ ଶାରୀରିକ ଭାବେ ସୁକୁଟା ହୋଇଗଲାଣି । ତା ବୋଉ ଅର୍ଥାତ୍ ମୋର ନାନି ଭାରି କନ୍ଦାକଟା କରି କହିଲେ ସେ କେଜାଣି କାହିଁ ଭାରି ଚୁପଚାପ ରହୁଛି, ପଇସା ପତର କାରବାର କରୁଥିଲା ବୁଡ଼ି ଯାଇଛି ବୋଧ କିମ୍ବା ଜନୈକ ନର୍ସଙ୍କ ସହ ତାର ଯେଉଁ ଭାବନାବ ଥିଲା ତାକୁ ନେଇ ସମ୍ଭବତଃ କ'ଣ ଗୋଟା ହୋଇଛି । ମୁଁ ସୁକୁଟା ସହ ଭେଟିବା ପରେ ସେ ପୁରା ଚୁପଚାପ । ମୁଁ ଯାହା କହିଲି ଦୁଇ ଚାରିପଦ ସିନା କଣ କହିଲା କିନ୍ତୁ ସେ ଚୁପ ଚାପ ପ୍ରାୟତଃ ରହିଲା । ଆପଣ ସାର ଟିକେ ମୋତେ କଣ ପରାମର୍ଶ ଦିଅନ୍ତୁ । ଆପଣ ଅନୁମତି ଦେଲେ ମୁଁ ସୁକୁଟାକୁ ସାଙ୍ଗରେ ନେଇ ଆସନ୍ତି । ଶ୍ରଦ୍ଧେୟ ଶ୍ରୀକାନ୍ତର ସବୁକଥା ଶୁଣି ମୋତେ ବି ଭାରି ଉଦାସ ଲାଗିଲା ମୁଁ ତାଙ୍କୁ କହିଲି ପଇସା ପତ୍ର କାରଣରୁ କିମ୍ବା ଝିଅ ସମ୍ପର୍କ କାରଣରୁ କୌଣସି ଅଘଟଣ ହିଁ ସୁକୁଟାର ମାନସିକତାକୁ ପୁରାପୁରି ଶୁଖେଇ ଦେଇଛି । ଆମ ମାନସିକ ଚିକିତ୍ସା କ୍ଷେତ୍ରରେ ଏହାକୁ ପୋଷ୍ଟ ଟ୍ରମାଟିକ ଗ୍ରୋଥ କୁହାଯାଏ । ମୁଁ ତାଙ୍କୁ ସବିଶେଷ ବୁଝାଇ କହିଲି ଯେ ଦୈନନ୍ଦିନ ଜୀବନରେ ଆମେ ଅନେକ ଅନୁଭୂତି ଦେଇ ଗତି କରୁ । ଯେଉଁଠି କିଛି ଭଲ ଥାଏ ଆଉ କିଛି ଖରାପ । ହେଲେ ଖରାପ ଅନୁଭବ ଆମ ମନରେ ଏମିତି ଛାପ ଛାଡ଼ିଥାଏ ଯାହା ବର୍ଷ ବର୍ଷ ପର୍ଯ୍ୟନ୍ତ ଭୁଲି ହୁଏନାହିଁ । କିନ୍ତୁ ସେହି ଅନୁଭବ ଆମକୁ ଜୀବନରେ ଅନେକ କିଛି ଶିଖାଇବାରେ ମଧ୍ୟ ସାହାଯ୍ୟ କରେ । କିଛିଲୋକ ଏହି ପ୍ରକାର ପରିସ୍ଥିତି ଦେଇ ଗତି କରିବା ପରେ ପୋଷ୍ଟ ଟ୍ରମାଟିକ ଡ଼ିସଅର୍ଡ଼ର ଶିକାର ହେଉଥିବା ବେଳେ ଆଉ କିଛି ଲୋକ ପୋଷ୍ଟ ଟ୍ରମାଟିକ ଗ୍ରୋଥର ରାସ୍ତା ବାଛନ୍ତି । ଯାହା ଜୀବନରେ ଆସିବାକୁ ଥିବା ଚ୍ୟାଲେଞ୍ଜଗୁଡ଼ିକର ସାମନା କରିବାରେ ସାହାଯ୍ୟ କରିଥାଏ । ଯେତେବେଳେ ଜଣେ ବ୍ୟକ୍ତିଙ୍କ ଜୀବନରେ କୌଣସି ମାନସିକ ଆଘାତ ପହଞ୍ଚିଥାଏ, ଯେଉଁ କାରଣରୁ ସେ ମାନସିକ ସ୍ତରରେ ହାରି ଯାଆନ୍ତି । ସେହି ବଡ଼ ଘଟଣା ବା ଟ୍ରମାରୁ ବାହାରି ଆସିବାର ପରିସ୍ଥିତିକୁ ପୋଷ୍ଟ ଟ୍ରମାଟିକ ଗ୍ରୋଥ କୁହାଯାଇଥାଏ । ପୋଷ୍ଟ ଟ୍ରମାଟିକ ଗ୍ରୋଥ ସମୟରେ ବ୍ୟକ୍ତିର ଆଚାର ଏବଂ ବ୍ୟବହାରରୁ ନେଇ ତାଙ୍କର ବିଚାରରେ ମଧ୍ୟ ପରିବର୍ତ୍ତନ ଅନୁଭବ ହୋଇଥାଏ ।

ଜୀବନରେ ଯେତେବେଳେ ବଡ଼ ସଙ୍କଟ ଆସେ ଯେମିତି ହଠାତ ନିଜର ଲୋକଙ୍କୁ ହରାଇବା, ଚାକିରି ଚାଲିଯିବା, ଅର୍ଥ ସଙ୍କଟ, ଗମ୍ଭୀର ରୋଗ, ପ୍ରେମରେ ଧୋକା ଏସବୁ ପରିସ୍ଥିତିରେ ବହୁତ ଲୋକ ଜୀବନରେ ହାରିଯାଇ ଅବସାଦର ଶିକାର ହୁଅନ୍ତି । କିନ୍ତୁ କିଛି ଲୋକ ଏପରି ପରିସ୍ଥିତିରୁ ବାହାରକୁ ଆସିବାକୁ ଚେଷ୍ଟା କରିବା ପାଇଁ ସେମାନଙ୍କୁ ପରିବର୍ତ୍ତନ କରିଥାନ୍ତି । ପୋଷ୍ଟ ଟ୍ରମାଟିକ ଗ୍ରୋଥ ଯୋଗୁଁ ବ୍ୟବହାରରେ ପରିପକ୍ୱ, ଭଲ ଏବଂ ଖରାପ ବୁଝିବାର ଶକ୍ତି, ଜିନିଷକୁ ଗୁରୁତ୍ୱ ଦେବା, ଲୋକଙ୍କ ପ୍ରତି ଉଦାର ବ୍ୟବହାର ଅନେକଙ୍କ ଠାରେ ଲକ୍ଷ କରାଯାଏ । କୌଣସି ବି ସ୍ଥିତିରେ ବ୍ୟକ୍ତିଙ୍କ ଆଗରେ ଯେତେ ବଡ଼ ସମସ୍ୟା ଥାଉ ନା କାହିଁକି ସେମାନେ ସହଜରେ ଏହି ସମସ୍ୟାରୁ ବାହାରି ଆସିଯାଆନ୍ତି । ସ୍ଥିତିକୁ ନିୟନ୍ତ୍ରଣ କରିବାର ଦୃଷ୍ଟିଭଙ୍ଗୀ ପୁରାପୁରି ବଦଳିଯାଇଥାଏ । ପରିପକ୍ୱତା ସହିତ ନିଷ୍ପତ୍ତି ନିଅନ୍ତି । ସେମାନଙ୍କ ଜୀବନରେ କ'ଣ ଠିକ ତାହା ଭଲ ଭାବରେ ଜାଣିବାକୁ ସକ୍ଷମ ହୋଇଥାନ୍ତି । ଏକ ସକରାତ୍ମକ ଢ଼ଙ୍ଗରେ ଜୀବନକୁ ଆଗକୁ ନେବାକୁ ଚେଷ୍ଟା କରନ୍ତି । ଅସଲ କଥା ହେଉଛି ଏହାର ପୀଡ଼ିତ ମାନଙ୍କୁ ଆପଣ ସବୁକଥା ଖୋଲି କୁହନ୍ତୁ ନାହିଁ କିମ୍ବା ତାଙ୍କ ସହ ଅଯଥା ଗପସପ ବା ଯୁକ୍ତିତର୍କ କରନ୍ତୁ ନାହିଁ । ତାଙ୍କ ପାଇଁ ଗୋଟିଏ ଭଲ ମାନସିକ ସ୍ୱାସ୍ଥ୍ୟ ଭିତ୍ତିକ ରୁଟିନ ତିଆରି କରନ୍ତୁ । ନିଶାଦ୍ରବ୍ୟ ସେ ଯେପରି ଗ୍ରହଣ କରିବେ ନାହିଁ ସେ ଦିଗକୁ ଦେଖନ୍ତୁ । ତାଙ୍କ ଖାଇବା ପିଇବା, ବିଶ୍ରାମ ଓ ତାଙ୍କ ଆଖପାଖର ମିଳାମିଶା କରୁଥିବା ଲୋକଙ୍କ ସମ୍ପର୍କଙ୍କୁ ନେଇ ଟିକିଏ ସଚେତନ ରୁହନ୍ତୁ । ସେ ଯେପରି ଯଦି ଇଚ୍ଛା କରୁଥାନ୍ତି ପ୍ରାଣାୟମ ବା ସକାଳ ବୁଲା ପାଇଁ ଏହା ଏକ ଭଲ ଅଭ୍ୟାସ କିନ୍ତୁ ଏହି ଅଭ୍ୟାସକୁ ଆପଣ ଭଲ ଭାବେ ବ୍ୟକ୍ତିଗତ ଭାବେ ତଦାରଖ କରନ୍ତୁ । ସୁଷମ ଖାଦ୍ୟ ଖାଇବାକୁ ଦିଅନ୍ତୁ, ଯୋଗାସନ ପ୍ରାଣାୟମ ବହୁତ ଭଲ ତେବେ ପୀଡ଼ିତ ଜଣଙ୍କ କୌଣସି ପରିସ୍ଥିତିରେ ଯେପରି ଉତ୍ତ୍ୟକ୍ତ ନୁହଅନ୍ତି ସେ ଦିଗକୁ ଦେଖନ୍ତୁ । ପୀଡ଼ିତ ଜଣଙ୍କ ଯେଉଁ ମାନସିକ ସମସ୍ୟାକୁ ନେଇ ଏହି ରୋଗର ଶିକାର ହୋଇଛନ୍ତି ସେହି ଘଟଣାକୁ ନେଇ ଆପଣ ତାଙ୍କ ସହ କୌଣସି ଆଲୋଚନା କରନ୍ତୁ ନାହିଁ । ତାଙ୍କୁ ସବୁ କଥାରେ ପରାମର୍ଶ ଦିଅନ୍ତି ଓ ଭଲ ଉପଦେଶ ଦିଅନ୍ତୁ । ମନ ଭିତରେ କିଛି କଥା ନରଖି ଉତ୍ତମ ସମ୍ପର୍କ ରଖନ୍ତୁ । ଅଧିକ କୌଣସି ସମସ୍ୟା ହେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

*ମାନସିକ ରୋଗ ବିଶେଷଜ୍ଞ,*
*ଦି'ବ୍ରେନ୍,*
*ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

# 'ପର୍ଯ୍ୟବେକ୍ଷକ' ସମ୍ବନ୍ଧେ...

ଆଜି ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ 'ପର୍ଯ୍ୟବେକ୍ଷକ' ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ସମାରୋହ ପାଳନ କରୁଛି । 'ପର୍ଯ୍ୟବେକ୍ଷକ'କୁ ପ୍ରତ୍ୟହ ପ୍ରତ୍ୟୁଷରୁ ପ୍ରତୀକ୍ଷା ଡ଼ଃ ପବିତ୍ରମୋହନ ସାମନ୍ତରାୟଙ୍କ ସଂପାଦନାରେ ସଂପାଦିତ ହେବାପରଠାରୁ ବଢ଼ିଯାଇଛି, ଯେହେତୁ ସେ ଖବରକାଗଜର ସଂପାଦକଙ୍କ ଜନ୍ମସ୍ଥାନ ଆମ ଗାଁରେ ଓ ମୋର ରମ୍ୟରଚନାମୂଳକ ଲେଖା ଏଥିରେ ପ୍ରକାଶିତ ହୋଇଥାଏ ବୋଲି । କରୋନା ମହାମାରୀ ପାଇଁ ଏହି ଖବରକାଗଜଟି ଏବେ ମୁଦ୍ରଣ ସହ ଇ-ପେପରରେ ଉପଲବ୍ଧ ଓ ଡ଼ିଜିଟାଲ୍ ଇଣ୍ଡିଆର ସ୍ୱପ୍ନ ଏବେ ପ୍ରାୟ ଏହିପରି ଭାବେ ପୂରଣ ହୋଇ ହୋଇ ଚାଲିଛି । ପରିବର୍ତ୍ତନ ହିଁ ପ୍ରକୃତିର ନିୟମ । ଯଦିଓ ପରିବର୍ତ୍ତନ ହୁଏ ପରିସ୍ଥିତିରେ ଉନ୍ନତି ପାଇଁ ତଥାପି ଅଧିକାଂଶ କ୍ଷେତ୍ରରେ ପରିବର୍ତ୍ତନ ଉନ୍ନତି ଆଣୁନାହିଁ । ଗଣମାଧ୍ୟମ କଥା ଚିନ୍ତା କରନ୍ତୁ । ଗଣମାଧ୍ୟମ ସାଧାରଣ ସେବା ପାଇଁ ଯଦିଓ ଉଦ୍ଦିଷ୍ଟ, ମାତ୍ର ତାହା ଆଜି ଦୁଃଶ୍ଚରିତ୍ରମାନଙ୍କର ଖୋଳପା ସାଜିଛି । ନିଜର ପ୍ରତିଷ୍ଠା ପାଇଁ ଲାଳସା ରହିବା ନିଶ୍ଚିତ, ହେଲେ ବି ଏହାର ସଂଜ୍ଞା ବଦଳିଯାଇଛି । ଆଜିକାଲି ପ୍ରତିଷ୍ଠାର ଅର୍ଥ ଅର୍ଥଲାଭ ଓ ଅନ୍ୟମାନଙ୍କୁ କ୍ଷମତାର ଅପବ୍ୟବହାର କରି ତଳେ ପକାଇବାର ପ୍ରବୃତ୍ତି । ଏହି ଦୁଃଶ୍ଚରିତ୍ରମାନେ କାହହାର ଶିରୀ ଦେଖିପାରନ୍ତି ନାହିଁ । ଜନତା ଜନାର୍ଦ୍ଦନର ସେବାଠାରୁ ଏମାନେ ନିଜସ୍ୱ ସେବା କରିବାକୁ ଗୁରୁତ୍ୱ ଦେଉଛନ୍ତି । ଏହା ଭିତରେ ମଧ୍ୟ ସାମ୍ବାଦିକତାର ମାନ ବିଚାର୍ଯ୍ୟ । ସମ୍ବାଦପତ୍ର ଓ ସାମ୍ବାଦିକତା ଏବେ ବିତ୍ତଶାଳୀ, ଶକ୍ତିଶାଳୀ ବ୍ୟକ୍ତି ଓ ଗୋଷ୍ଠୀଙ୍କର ଯଶଗାନ କରୁଛନ୍ତି ସେମାନଙ୍କର କଳାସାମ୍ରାଜ୍ୟର କଳଙ୍କକୁ ଆଲୋକକୁ ନ ଆଣି । କିଏ କାହାକୁ କେଉଁଠାରେ ନାୟକ କରିଦେଉଛି ତ' କିଏ ମହାନାୟକ କରି ନାୟକଙ୍କ ଖଳନାୟକ ଗୁଣକୁ ଲୁଚାଇ ଦେଉଛି । ସାମ୍ବାଦିକତାକୁ ଥୋଡ଼େ ସୌକିନ ସଉକରେ ଆପଣାଉଛନ୍ତି । 'ପର୍ଯ୍ୟବେକ୍ଷକ' ସଂପାଦକଙ୍କ ଭାଷାରେ- "...ଏଇ ପ୍ରତିଶୃତି ଦେଉଛି ଯେ, ଦୈନିକ ଖବରକାଗଜ 'ପର୍ଯ୍ୟବେକ୍ଷକ' ବିଗତ



ଆଦିତ୍ୟ ଚନ୍ଦ୍ର ଦାସ

ବର୍ଷଗୁଡ଼ିକରେ ଯେପରି ରାଜ୍ୟବାସୀଙ୍କ ମୁଖପତ୍ର ରହିଥିଲା, ଏବେ ରହିଛି, ସେପରି ମଧ୍ୟ ଆଗାମୀ ଦିନଗୁଡ଼ିକରେ ରହିବ ଓ ପୂର୍ବବତ୍ ସାଧାରଣ ଜନତାଙ୍କ ପଛରେ ସଦାସର୍ବଦା ଛିଡ଼ାହେବ ।" 'ପର୍ଯ୍ୟବେକ୍ଷକ'ର ପର୍ଯ୍ୟବେକ୍ଷଣ ପରର ପରଭାଷାରେ ପର୍ଯ୍ୟବସିତ ନୁହେଁ, ବରଂ ପ୍ରତ୍ୟେକ ଘଟଣା ଉପରେ ଏହାର ସ୍ୱକୀୟ ପର୍ଯ୍ୟବେକ୍ଷଣ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରେ । ନୂଆ ନୂଆ ଲେଖକ-ଲେଖିକାଙ୍କୁ ସ୍ଥାନ ଦେବା ଏ ଖବରକାଗଜର ଆଉ ଏକ ବିଶେଷତ୍ୱ ଏବଂ ଯାହା ଅନ୍ୟ ଖବରକାଗଜମାନଙ୍କ ପାଇଁ ଉଦାହରଣ ହୋଇ ରହିବ । 'ପର୍ଯ୍ୟବେକ୍ଷକ'ର ପ୍ରଗତି ପ୍ରତିକ୍ଷଣ ପ୍ରତିକ୍ଷିପ୍ତ, ମାତ୍ର ଏବେ ଏହା ପ୍ରବୀଣ ପଟୁତା ଅଭାବରେ ବନାନଗତ ତ୍ରୁଟି ପାଇଁ ସାମାନ୍ୟ ଆଲୋଚିତ । ଜାଣିବାରେ, କେତେକ ସମୟରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରିବାରୁ ରାଜନୈତିକ ଶକ୍ତି କ୍ଷମତାର ଅପବ୍ୟବହାର କରିଛନ୍ତି ଏ ଖବରକାଗଜ ଉପରେ । ବଶ କରିବାକୁ ଚେଷ୍ଟା କରିଛନ୍ତି ଓ ବେବଶ କରିବାକୁ ମଧ୍ୟ ବାଧ କରିଛନ୍ତି । ଆର୍ଥିକ ଦୃଷ୍ଟିରୁ ଖବରକାଗଜକୁ ହାତରେ ନ ମାରି ଭାତରେ ମାରିବାର ପ୍ରକ୍ରିୟାକୁ ମଧ୍ୟ ଅଣଦେଖା କରିହେବ ନାହିଁ । ତଥାପି ନିରବଚ୍ଛିନ ଭାବେ ପାଠକ-ପାଠିକାଙ୍କ ପ୍ରବଳ ଆଦର ଖବରକାଗଜକୁ ଏତେ ବାଟ ନେଇଛି ବା ଏତେ ବରଷରେ ପହଞ୍ଚାଇଛି । ଲୋକାନୁମୋଦନ ଓ ଲୋକସମର୍ଥନକୁ ନେଇ ଏହା ଆଗେଇ ଚାଲୁ ଆହୁରି ଆଗକୁ ଆଗକୁ । ଆଜିର ରୌପ୍ୟ ଜୟନ୍ତୀ ଉତ୍ସବରେ ପ୍ରାର୍ଥନା ଜଗତର ନାଥ ଜଗନ୍ନାଥଙ୍କ ପାଖରେ ଯେ 'ପର୍ଯ୍ୟବେକ୍ଷକ'କୁ ଆହୁରି ଲୋକଙ୍କ ନିକଟତର କରାଉ ସେମାନଙ୍କର ସୁଖଦୁଃଖରେ ସମଭାଗୀ ହୋଇ ।

କ୍ଷେତ୍ରପାଳ, କଂଟିଗଡ଼ିଆ, ଯାଜପୁର
ଭ୍ରାମ୍ୟଭାଷ-୯୪୩୯୩୬୮୩୫୯

# ଅବଲୁପ୍ତ ଆଶୀର୍ବାଦ କ୍ରିୟାଶୀଳ ସାମାଜିକ ଗଣମାଧ୍ୟମ

ଦୁନିଆ ବଦଳିବା ସହ ମଣିଷର ମାନସିକତା ମଧ୍ୟ ଧିରେଧିରେ ବଦଳିବାରେ ଲାଗିଛି । ଜଣେ ବ୍ୟକ୍ତିଙ୍କ ପାଖରେ ଅମଆପ ଧନସମ୍ପଦ ଓ ମୂଲ୍ୟବାନ ପଦାର୍ଥ ଥାଇପାରେ, କିନ୍ତୁ ସେହି ବ୍ୟକ୍ତିଙ୍କ ପାଖରେ ଗୋଟିଏ ଅଭାବ ଥାଏ ଯାହା ହେଉଛିକି ସମୟ । କାରଣ ସମସ୍ତ ବଳଶାଳୀ ଠାରୁ ସମୟ ହେଉଛି ବଳବାନ । ସଂପ୍ରତି ସମୟରେ ଯିଏ ସମୟ ସହିତ ତାଳରେ ତାଳ ମିସାଇ ଓ ପାଦରେ ପାଦ ମିସାଇ ଚାଲିପାରେ ସେ ହିଁ ସମସ୍ତ କ୍ଷେତ୍ରରେ ଶୀର୍ଷରେ ପହଞ୍ଚି ପାରିବ କିନ୍ତୁ ଯିଏ ଝୁଣ୍ଟି ପଡିବ ତା'ର ସତ୍ତା ବିଲୁପ୍ତି ହୋଇଯିବ । ନିଜର କର୍ମମୟ ଜୀବନରେ ପରିବାର କଥା ବୁଝିବା ସହ ନିଜ ପାରିପାର୍ଶ୍ୱିକ ଆତ୍ମୀୟ ଜନଙ୍କ କଥା ଠାରୁ ଆରମ୍ଭ କରି ନିଜ ଅଞ୍ଚଳ, ରାଜ୍ୟ, ଦେଶ ଓ ସାରା ବିଶ୍ୱରେ ଘଟୁଥିବା ଘଟଣାବଳୀ ଉପରେ ଅବଗତ ରହିବାକୁ ଚାହେଁ । ପ୍ରତ୍ୟେକ ମନୁଷ୍ୟ ସମୟର ସ୍ୱଳ୍ପତା ଦୃଷ୍ଟିରୁ ବହୁ ସମୟରେ ସମ୍ଭବ ହେଉନାହିଁ ଅନ୍ୟମାନଙ୍କ ଭଲମନ୍ଦ ବୁଝିବା ପାଇଁ । ଏହି ପରିସ୍ଥିତିକୁ ଲକ୍ଷ କରି ଆଜି ସାମାଜିକ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପରିଲକ୍ଷିତ ହେଉଛି ଏବଂ ବୈପ୍ଳବିକ ପରିବର୍ତ୍ତନ ଦେଖା ଦେଉଛି । ସମସ୍ତ ଗଣମାଧ୍ୟମ ମଧ୍ୟରେ ବୈଦ୍ୟୁତିକ ସାମାଜିକ ଗଣମାଧ୍ୟମ ଆଗ ଧାଡିରେ ଠିଆ ହୋଇ ବିଶ୍ୱର କୋଣ ଅନୁକୋଣ ଘଟୁଥିବା ଘଟଣାବଳୀ ଉପରେ ଅବଗତ ରହି କ୍ଷଣକ ମଧ୍ୟରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ପାରୁଛି । ଆଜି କାଲିର ଉଚ୍ଚ କ୍ଷମତା ସମ୍ପନ୍ନ



କିଶୋର ଚନ୍ଦ୍ର ବେହେରା

ଇଣ୍ଟରନେଟ ସାରା ବିଶ୍ୱକୁ ଏକାଠି କରିପାରୁଛି ଯାହାକୁ କି ରାଜନୀତି ବିଜ୍ଞାନ କ୍ଷେତ୍ରରେ ' ଗ୍ଲୋବାଲାଇଜେସନ ୟଆର୍ଲଡ' କୁହାଯାଏ । ଏକଦା ସମୟ ଥିଲା କୌଣସି ପ୍ରସଙ୍ଗରେ ବିଦ୍ୱାନ ଗଣ ସଭାସମିତି ମାଧ୍ୟମରେ ନିଜର ମୂଲ୍ୟବାନ ମତାମତ ରଖୁଥିଲେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ । ସେ ସଂପର୍କରେ ସମ୍ବାଦ ପତ୍ର ପତ୍ରିକାର ବନ୍ଧୁମାନେ ବିଭିନ୍ନ ନୈକ ଖବରକାଗଜ କିମ୍ବା ସାପ୍ତାହିକ ପତ୍ର ପତ୍ରିକାରେ ପ୍ରକାଶିତ ହେଲାପରେ ସାଧାରଣ ଜନତା ତାହାକୁ ପଢ଼ିବା ସହ ବିଚାରବିମର୍ଶ କରି ନିଜର ମୂଲ୍ୟବାନ ମତାମତ ରଖୁଥିଲେ । ସମୟ ବଦଳୁଛି ଆଧୁନିକତାର ବସବର୍ତ୍ତି ହୋଇ ଶହ ଶହ ସଂଖ୍ୟାର ବୈଦ୍ୟୁତିକ ଗଣମାଧ୍ୟମର ଦୂରଦର୍ଶନ ଚ୍ୟାନେଲ ଓ ସଂଖ୍ୟାଧିକ ପତ୍ର ପତ୍ରିକାରେ ତହିଁରେ ପୁଣି କୋରାନ ସମର ଠାରୁ ଅଧିକ ସକ୍ରୀୟ ହୋଇ ପଡ଼ିଛି ସାମାଜିକ ଗଣମାଧ୍ୟମର ଟୁଇଟର, ଫେସବୁକ, ହ୍ୱାଟସ୍ପ, ୟୁଟ୍ୟୁବ ଓ ଇଣ୍ଷ୍ଟାଗ୍ରାମ ଭଳି ଅନେକ ସଂସ୍ଥା । ସ୍ୱଳ୍ପ ସମୟ ମଧ୍ୟରେ ପ୍ରତିଟି ପ୍ରସଙ୍ଗର ଭଲମନ୍ଦ ଉପରେ ହଜାର ହଜାର ପ୍ରତିକ୍ରିୟା ତୁରନ୍ତ ଓ କ୍ଷିପ୍ର ଗତିରେ ପ୍ରସାରିତ ହେଉଛି । ଲୋକେ ଆଉ ଖବରକାଗଜ କିମ୍ବା ଟିଭିର ପ୍ରସାରଣକୁ ଅପେକ୍ଷା କରୁ ନାହାନ୍ତି କାରଣ ନିଜର ହାତରେ ଅଛି ଦାମି ମୋବାଇଲ ଏବଂ ଲ୍ୟାପଟପ୍ କ୍ଷଣକ ମଧ୍ୟରେ ମିଳିଯାଉଛି ସମସ୍ତ ସୂଚ୍ନା । କ୍ରିୟାଶୀଳ ସାମାଜିକ ଗଣମାଧ୍ୟମ ଭାରତର ମୋଟ ଜନସଂଖ୍ୟାର ପ୍ରାୟ ନବେ ଶତକଡା ଲୋକଙ୍କ ହାତରେ ଏବେ ମୋବାଇଲ ଫୋନ ଯାହାକି ବର୍ତମାନ ଅତି ଜରୁରୀ ହୋଇ ପଡ଼ିଛି । ସେଥିରୁ ପ୍ରାୟ ନଅ ରୁ ସତର ବର୍ଷ ବୟସର ଛାତ୍ରଛାତ୍ରୀ ଷାଠିଏ ଶତକଡା ପ୍ରତେକ ଦିନ ପାଠପଢ଼ା ସରିବା ପରେ ତିନି ଘଣ୍ଟା ମୋବାଇଲ ଫୋନରେ ବ୍ୟସ୍ତ ରୁହନ୍ତି । ଦୁଇହଜାର ତେଇଶ ସର୍ବ ?କ୍ଷଣରୁ ଯାହା ଜଣା ପଡ଼ ? ସାମାଜିକ ଗଣମାଧ୍ୟମରେ ଅଠର ବର୍ଷର ଯୁବକଯୁବତୀ ଯାହାକି ଯୁବ ବର୍ଗର ଚାଳିଶ ଦସମିକ ଦୁଇ ଶତକଡା ଅର୍ଥାତ ତିନି ହଜାର ନଅ ଶହ ଅଶି ଲକ୍ଷ ଫେସବୁକ,ହ୍ୱାଟସଫ, ୟୁଟ୍ୟୁବ, ଇନଷ୍ଟାଗ୍ରାମ, ଉଇ ଚାଟ୍, ଟିକଟକ୍, ଟେଲି ଗ୍ରାମ, ଏକ୍ସ ହ୍ୟାଣ୍ଡଲ ଓ ସ୍ନାପ ଚାଟ୍ ଇତ୍ୟାଦି ବ୍ୟବହାର କରୁଛନ୍ତି । ଏହାକୁ ନେଇ ଯୁବଗୋଷ୍ଠୀ ଗର୍ବ କରାନ୍ତି ଆମେମାନେ ହେଉଛୁ ଆଧୁନିକ ସଭ୍ୟତାର ଦାୟଦ । ନିଜର ଅନ୍ତର୍ନିହିତ ଶକ୍ତିର ଦକ୍ଷତା ଓ କୌଶଳ ଜନସାଧାରଣଙ୍କ ନିକଟରେ ପ୍ରଚାର ପ୍ରସାର କରିବା ପାଇଁ ଏକ ପ୍ରୟାସ ଜାରି ରଖିଛନ୍ତି । ଯେତେବେଳେ ସାମାଜିକ ଗଣମାଧ୍ୟମର ବ୍ୟବସ୍ଥା ବ୍ୟାପକ ପ୍ରଚାର ପ୍ରସାର ନଥିଲା ସେତେବେଳେ ଛାତ୍ରଛାତ୍ରୀ କିମ୍ବା ଯୁବ ଗୋଷ୍ଠୀ ନିଜର ପରାକାଷ୍ଠା ପ୍ରତିପାଦନ କରି ଉଲ୍ଲେଖନୀୟ କାର୍ଯ୍ୟ କରନ୍ତି ସେତେବେଳେ ପରିବାର ପିତାମାତା ଠାରୁ ଆରମ୍ଭ କରି ଆତ୍ମୀୟ ଜନ ମାନେ ଖୁସିରେ ଆତ୍ମହରା ହୋଇ ଅନେକ ପ୍ରଶଂସା ଓ ଆର୍ଶୀବାଦ କରିଥାନ୍ତି ତା'ର ଦକ୍ଷତାକୁ ନେଇ । ଯାହାକି ପ୍ରତିଭାବାନ ଯୁବକ ଯୁବତୀ ମନଭିତରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇଥାଏ ଏବଂ ଆଗକୁ ବଢ଼ିବା ପାଇଁ ପ୍ରେରଣ ଯୋଗାଇ ଥାଏ । ସଂପ୍ରତି ସମୟରେ ସମାଜରେ ଘଟୁଥିବା ନିତିଦିନିଆ ଘଟଣାବଳୀ ମଧ୍ୟରେ ସାମାଜିକ ଗଣମାଧ୍ୟମ ଅନ୍ୟତମ । ଯାହାକି ନିଜର ଇଚ୍ଛା ଭାବନା ଅନୁସାରେ ବିଭିନ୍ନ ପ୍ରକାରର ଚିତ୍ର ଉତ୍ତୋଳନ, ଭିଡିଓ ଓ କିଛି ନିଜସ୍ୱ ଲେଖା ଦ୍ୱାରା ଅଯୁକ୍ତି ଓ ଅସଙ୍ଗତ ମତବ୍ୟକ୍ତ ମତବ୍ୟକ୍ତ କରି କ୍ଷଣକ ମଧ୍ୟରେ ପ୍ରଚାର ପ୍ରସାର କରିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଅଛି । କିଛି ବ୍ୟକ୍ତି ବିଶେଷ ଅଶ୍ଲୀଳ ଭିଡିଓ ଓ ଶବ୍ଦ ବ୍ୟବହାର କରି ନିଜର ବ୍ୟକ୍ତିଗତ ଆତ୍ମବଡିମ ଦେଖାଇବାକୁ ଯାଇ ନିଜ ଚ୍ୟାନେଲରେ ସ୍ଥାନିତ କରି ଦେଖଣା ହାରି ବନ୍ଧୁ ମାନଙ୍କୁ ଲାଇକ, କରେଣ୍ଟ, ସେୟାର, ଫଲୋରସ ଓ ଭିୟୁରସ ହେବାପାଇଁ ବିନମ୍ର ନିବେଦନ କରିବା ଏକ ହାସ୍ୟାସ୍ପଦ ଭଳି ଲାଗିଥାଏ । ଅନେକ ସମୟରେ ଦେଖାଯାଏ ଉଦ୍ଦେଶ୍ୟମୂଳକ ଭାବରେ କିଛି ବ୍ୟକ୍ତି ବିଶେଷ ଭିଡିଓର କିଛି ଅଂଶ ବା ଦୃଶ୍ୟର ସାରମର୍ମ ନବୁଝି ଅପମାନ ଜନକ ମନ୍ତବ୍ୟଗୁଡିକ ପରିବାର ଓ ସାମାଜିକ ପ୍ରଗତିରେ ବାଧକ ସାଜିଥାଏ । ସାମାଜିକ ଗଣମାଧ୍ୟମର ଛାଡୁଥିବା ଭିଡିଓ ଗୁଡ଼ିକ ସଂସ୍କୃତି ସମ୍ପର୍ଣ୍ଣ, ସାମାଜିକ ଦାୟିତ୍ୱବୋଧ ଏବଂ ରାଷ୍ଟ୍ରର ବିକାଶ କ୍ଷେତ୍ରରେ ସହାୟକ ହେବା ଭଳି ନିଜର ଦକ୍ଷତା ବଳରେ ପ୍ରସ୍ତୁତି କରାଗଲେ ନିଜର ମୂଲ୍ୟବୋଧ ବଢ଼ିବା ସହ ଆତ୍ମନିର୍ଭରଶୀଳ ଭାରତ ଗଠନ ହୋଇପାରିବ ।

ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ
ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ଯୋଗାଯୋଗ- ୯୪୩୭୯୫୫୫୬୮

# ଜଣେ ସଚ୍ଚା ସନାତନୀଙ୍କ ମୁହଁରୁ

କିଛି ଦିନ ତଳେ ଟ୍ରେନରେ ଯାତ୍ରା କରୁଥିଲା ବେଳେ ମୋ ପାଖ ସିଟ୍ ରେ ଜଣେ ପାକଲା ଲମ୍ବା ଦାଢି ରଖିଥିବା ମଉସା ବସିଥିଲେ । ମୋ ହାତରେ ବିବେକାନନ୍ଦଙ୍କ ଉପରେ ଗୋଟିଏ ବହିଥିଲା । ସମୟ କାଟିବା ପାଇଁ ମୁଁ ବହିଟିକୁ ପଢ଼ିବାକୁ ଚେଷ୍ଟା କରୁଥିଲି । ମଉସା ଜଣଙ୍କ ବୋଧହୁଏ ମୋ ସହିତ କଥା ହେବାକୁ ଚାହୁଁଥିଲେ ତାଙ୍କର ରେଳଯାତ୍ରାକୁ ସହଜ କରିବାପାଇଁ । ଆରମ୍ଭ ହେଲା କଥାବାର୍ତ୍ତା, କଥାବାର୍ତ୍ତା ନୁହେଁ ତ ଏକତରଫା ଏକ ଲମ୍ବା ଉଚ୍ଚକୋଟୀର ଭାଷଣ ଯାହାର ଶ୍ରୋତା କେବଳ ମୁଁ ଏକୁଟିଆ । ତାଙ୍କ ସହିତ କଥା ହେଲାବେଳେ ପ୍ରଥମେ ସେ ନିଜକୁ ଜଣେ ଭାରତୀୟ ସନାତନୀ ମୁସଲମାନ ବୋଲି କହିଲେ । ଲାଗୁଥିଲେ ବେଶ୍ ଉଚ୍ଚ ଶିକ୍ଷିତ, ମାର୍ଜିତ ବ୍ୟବହାର, ସୁନ୍ଦର କଥା ଓ ଚାହାଁଣୀରେ ଗଭୀରତା । କଥା ପ୍ରସଙ୍ଗରେ ମଉସା ଜଣଙ୍କ ଭାବ ବିହ୍ୱଳିତ ହୋଇ ଅନେକ କଥା କହିଲେ । ଲାଗୁଥିଲା ସତେ ଯେମିତି ତାଙ୍କ ହୃଦୟରେ ଥିବା ଅନେକ ଅକୁହା କଥାକୁ ଅନେକ ଦିନ ପରେ ସେ ବଖାଣୁଛନ୍ତି । ଭାରତୀୟ ଇତିହାସ ,ରାଜନୀତି ସହିତ ଭାରତର ସ୍ୱାଧୀନତା ସଂଗ୍ରାମ ବିଷୟରେ ତାଙ୍କର ଜ୍ଞାନ ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି । ଗୁଜରାଟରେ ତିଆରି ହୋଇଥିବା ଭାରତର ବରପୁତ୍ର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ମୂର୍ତ୍ତି ଯାହାକୁ ଷ୍ଟେଚୁ ଅଫ ୟୁନିଟି କୁହାଯାଉଛି ,ଅଯୋଧାରେ ରାମଲାଲାଙ୍କ ମନ୍ଦିର, ଧର୍ମ ନିରପେକ୍ଷତା ଉପରେ ସେ ଅନର୍ଗଳ କିଛି ସମୟ କହି ଚାଲିଲେ । ମୁଁ ଖାଲି ତାଙ୍କୁ ବିନମ୍ର ଭାବରେ ଏତିକି ପଚାରିଥିଲି, ଯେତେବେଳେ ଭାରତରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ହୁଏତ ଦୁଇଓଳି ଦୁଇମୁଠା ଖାଇବାକୁ ପାଉ ନାହାଁନ୍ତି , ରାସ୍ତା ଘାଟରେ ଅଭାବ ଅଛି, ବିଦ୍ୟାଳୟ କିମ୍ବା ହସ୍ପିଟାଲ ଆଦିରେ ସେହି ପଇସା ଯଦି ଲଗା ଯାଇଥାନ୍ତା, ତାହେଲେ କ'ଣ ଭଲ ହୋଇ ନଥାନ୍ତା କି ? ସାମାନ୍ୟ ବିରକ୍ତି ପ୍ରକାଶ କରି ମଉସା ଜଣକ କହିଲେ, ତମେ କ'ଣ କରୁଛ, କେତେ ପାଠ ପଢିଛ, ଭାରତର ଗୌରବମୟ ଇତିହାସ କେତେ ପଢିଛ, ସେକଥା ମୁଁ ଜାଣେନି । ଯେଉଁମାନେ ନିଜର ଜୀବନକୁ ତିଳ ତିଳ କରି ସ୍ୱାଧୀନତା ପାଇଁ ଜାଳିଦେଲେ, ସେହି ମହାପୁରୁଷଙ୍କ ମୂର୍ତ୍ତି ଓ ଈଶ୍ୱରଙ୍କ ପାଇଁ ନିର୍ମିତ ଦିବ୍ୟ ଭବ୍ୟ ମନ୍ଦିରକୁ ନେଇ ଏତେ ରାଜନୀତି କାହିଁକି ବାବା ? ପ୍ରକୃତରେ ଦେଶର ସ୍ୱାଧୀନତା ପାଇଁ ଅସଂଖ୍ୟ ଦେଶପ୍ରେମୀଙ୍କ ବଳିଦାନ , ତ୍ୟାଗ ଓ ପୁରୁଷୋତ୍ତମ ରାମଚନ୍ଦ୍ର ଙ୍କୁ ଭୁଲିଯିବା ଅର୍ଥ,ନିଜ ପାଇଁ ବିପଦ ଆଣିବା । ଆଉ ରାମଲାଲାଙ୍କ ମନ୍ଦିର ତ ବହୁତ ଆଗରୁ ହେବାର ଥିଲା । ସତକୁ ତମେ ସାତତାଳ ପଙ୍କ ଭିତରେ ଲୁଚେଇ ରଖିଲେ ବି ସେ ଦିନେ ନା ଦିନେ ଆତ୍ମ ପ୍ରକାଶ କରିବ । ମଉସାଙ୍କ କଥା ଶୁଣି ମୁଁ ବୁଝିଗଲି ପବିତ୍ର ଭାରତବର୍ଷର ମହିମାକୁ । ଏକ ନିର୍ଦ୍ଦିଷ୍ଟ ଧର୍ମ କୁଳରେ ଜନ୍ମ ହୋଇ ଅନ୍ୟକୁ ସମ୍ମାନ ଓ ଆପଣେଇ ନେବାଟା ଏ ମାଟିର ମହାନତାକୁ ପ୍ରମାଣିତ କରୁଛି । ପାନଖିଆ ପାଟିରେ ନମସ୍ୟ ମଉସା କହିଲେ ପାଂଚଶହ ବର୍ଷ ପରେ ଏତେବଡ ମହାର୍ଘ ମୁହୂର୍ତ୍ତକୁ ନେଇ ରାଜନୀତି କରିବା ଆଦୋ ? ଠିକ୍ ନୁହେଁ । ତୁଷ୍ଟିକରଣ ରାଜନୀତିରେ ମୁଁ ବିଶ୍ୱାସ କରେନି । ଦେଶ ସୁରକ୍ଷିତ ରହିଲେ ଆମେ ସୁରକ୍ଷିତ ରହିବା । ବିନା ଦ୍ୱିଧାରେ ସେ ଏମିତି କିଛି କହିଲେ ଯାହା ମୋତେ ସ୍ତମ୍ଭିଭୂତ କଲା । ଆମ ଧର୍ମରେ ଏକ ବୋର୍ଡ ଅଛି, ଯେଉଁ ବୋର୍ଡକୁ ସରକାର ଅଖଣ୍ଡ କ୍ଷମତା ଦେଇଛନ୍ତି । ଯେ କୌଣସି ଲୋକର,ଯାହାର ବି ସମ୍ପତ୍ତିକୁ ଏହି ବୋର୍ଡ଼ ନିଜର ବୋଲି ଦାବି କରି ପାରିବ । କି ବିଚିତ୍ର କଳା ନିୟମ କହିଲୁ ବେଟା ? ମୁଁ କିନ୍ତୁ ଏଥିରେ ଖୁସି ନୁହେଁ । ପ୍ରଥମେ ମୁଁ ଜଣେ ସଚ୍ଚା ଭାରତୀୟ । ତାପରେ ଜାତି ଧର୍ମ କଥା । ମୁଁ କହିଲି ମଉସା ଆପଣ ଓ୍ୱକଫ ବୋର୍ଡ଼ କଥା କହୁଛନ୍ତି କି ? ମୁଣ୍ଡ ହଲେଇଲା ମଉସା । ଉର୍ଦ୍ଦୁ ଭାଷାରେ କିଛି ଗୋଟେ ପଢିବା ଢଙ୍ଗରେ କିଛି କହିଲେ, ଯାହା ମୁଁ ବୁଝି ପାରିଲିନି । ଉତ୍ସୁକତାର ସହିତ ମୁଁ ଏହି ବୋର୍ଡ ବିଷୟରେ ଅଧିକ କିଛି ଜାଣିବାକୁ ଇଚ୍ଛା ପ୍ରକାଶ କରିବାରୁ ସେ କହିଲେ ଓ୍ୱକଫ ବୋର୍ଡ଼ ୧୯୫୪ ର ପାଶ୍ ହେଲା । ୧୯୯୫ ରେ ଏହି ଆଇନ୍ ରେ ଅଧିକ ଶାଣିତ ଦାନ୍ତ ଖଂଜି ଦିଆଗଲା । ୨୦୧୩ ରେ ତ ଅଖଣ୍ଡ କ୍ଷମତା ସରକାର ଓ୍ୱକଫ ବୋର୍ଡ଼ କୁ ଦେଲେ । ଯେ କୌଣସି ଲୋକର ସମ୍ପତ୍ତିକୁ ଓ୍ୱକଫ ବୋର୍ଡ଼ ନିଜର ବୋଲି ଦାବି କରି ପାରିବ ଆଉ ଏଥିପାଇଁ ଜମିଜମା ସମ୍ପତ୍ତି ହରେଇଥିବା ଲୋକ କୋର୍ଟକୁ ବି ଯାଇ ପାରିବନି । ଏହାକୁ କଳା ନିୟମ କହିବାନି ତ ଆଉ କ'ଣ କହିବା । ଏଇଟା କେଉଁ ପ୍ରକାରର ନିୟମ ? ସନାତନ ଧର୍ମରେ ଅଧିକ ଆୟ କରୁଥିବା ମନ୍ଦିର ବା ଧର୍ମାନୁଷ୍ଠାନ ପାଇଁ କଡ଼ା ଆଇନ୍ କିନ୍ତୁ ଅନ୍ୟ ମାନଙ୍କ ପାଇଁ ଏ ବାବଦରେ କିଛି କାନୁନ୍ ନାହିଁ । ଏଇଟା କେତେଦୂର ଯୁକ୍ତିଯୁକ୍ତ ? ଆମେ ସମସ୍ତେ ଭାରତୀୟ । ନିୟମ ସମସ୍ତଙ୍କ ପାଇଁ ସମାନ ହେବା ଦରକାର । ଆମେ ଅନ୍ୟ ବିକାଶଶୀଳ ଦେଶକୁ ଗଲେ ସେ ଦେଶର ନିୟମ କାନୁନ୍ କୁ ଅକ୍ଷରେ ଅକ୍ଷରେ ମାନିବାକୁ ବାଦ୍ଧ୍ୟ । କିନ୍ତୁ ବାକ୍ ସ୍ୱାଧୀନତା ନାମରେ ନିଜ ଦେଶର ଆଇନ୍ କୁ ବେଖାତିର୍ କରିବା ଆଦୋ ? ଗ୍ରହଣୀୟ ନୁହେଁ । ମୋର ବ୍ୟକ୍ତିଗତ ମତ ଏ ଦେଶରେ ଯେତେ ଶିଘ୍ର ୟୁନିଫର୍ମ ସିଭିଲ୍ କୋଡ଼୍ ଲାଗୁହେବ, ଏ ପବିତ୍ର ଭାରତବର୍ଷ ପାଇଁ ସେତେ ଭଲହେବ । କିଛି ଲୋକ ଏମିତି କଥା କହୁଛନ୍ତି ସତେ ଯେମିତି ସେମାନେ ବାବର କିମ୍ବା ଔରଙ୍ଗଜେବର ଅତି ନିଜର । ତାଜମହଲ ତିଆରି ହେଲା ଏହି ମାଟିରେ । ତିଆରି କରିବା ଲୋକ ଏହି ପବିତ୍ର ମାଟିର, କଳା ସ୍ଥାପତ୍ୟର ପୂଜାରୀ । ତାଜମହଲ ତିଆରି ପାଇଁ ଯାହା ଆବଶ୍ୟକ ଥିଲା, ଏହି ମାଟି



ଭାସ୍କର ବାରିକ୍

ଦେଇଛି । କିନ୍ତୁ କିଛି ଅହଂକାରୀ ଏମିତି କଥା କହୁଛନ୍ତି ସତେ ଯେମିତି ଶାହାଜାହାନ ଏ ଦେଶକୁ ଶାଶନ କରିବା ପୂର୍ବରୁ ଆଉ କେଉଁଠୁ ଏ ତାଜମହଲ ତିଆରି କରି ଆଣି ଭାରତରେ ରଖି ଦେଇ ଚାଲିଗଲା । କି ନିର୍ବୋଧତା ସତରେ !! ସ୍ୱାଧୀନତା ପରଠାରୁ ଏ ଦେଶରେ ଯେତେ ସାଂପ୍ରଦାୟିକ ଦଙ୍ଗା ଘଟିଛି , ସେଥିପାଇଁ କିଛି ସୁବିଧାବାଦୀ ଶାଗୁଣା ଦାୟୀ । ଯଦି ଆଜି ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଥାଆନ୍ତେ, ଏମିତି ତୁଷ୍ଟିକରଣ ରାଜନୀତି ପାଇଁ କେହି ସାହସ କରନ୍ତେନି । ଚୁପଚାପ୍ ଶୁଣୁଥିଲି ସେହି ବିଦ୍ୱାନ ବ୍ୟକ୍ତିଙ୍କ ପାଟିରୁ ମୁଁ ଜାଣି ନଥିବା କଥା , ଧର୍ମ ନିରପେକ୍ଷତାର ଇତିହାସ ସହିତ ଅନେକ କିଛି । ଲମ୍ବି ଚାଲିଥିଲା ମଉସାଙ୍କ କଥା ରେଳଗାଡ଼ି ସହିତ ତାଳ ଦେଇ । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନାମ ଶୁଣିବା ପରେ ମୋ ଦେହରେ କାହିଁକି ଏକ ପ୍ରକାର ଶିହରଣ ଖେଳିଗଲା । ଅତ୍ୟନ୍ତ ଭଦ୍ର ଓ ନମ୍ର ମଉସା ଜଣକ କହି ଚାଲିଲେ ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ଏହି ଧର୍ମ ନିରପେକ୍ଷ ଶବ୍ଦ ଭାରତର ମୂଳ ସମ୍ବିଧାନରେ ନଥିଲା । ୧୯୭୬ ରେ ସମ୍ବିଧାନର ୪୨ତମ ସଂଶୋଧନ ବଳରେ ଧର୍ମ ନିରପେକ୍ଷତା ସହିତ ଆଉ କିଛି ଶବ୍ଦ ଯୋଡାଗଲା ସମ୍ବିଧାନରେ । ସ୍ୱାଧୀନତା ପ୍ରାପ୍ତି ସହିତ ଯେତେବେଳେ ଭାରତର ବିଭାଜନ ହେଲା ଓ ନୂତନ ରାଷ୍ଟ୍ର ପାକିସ୍ତାନ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ନେତୃତ୍ୱରେ ସୃଷ୍ଟି ହେଲା , ଏହା କ'ଣ ରାତି ଅଧିଆ ହୋଇଗଲା ? ମହମ୍ମଦ ଅଲ୍ଲୀ ଜିନ୍ନା କୁଆଡେ ଏକଦା ତାଙ୍କର ପ୍ରତିକ୍ରିୟା ଦେବା ବେଳେ କହିଥିଲେ, ଭାରତର ନେତା ହିସାବରେ ସେ କେବଳ ସୁବାଷ ଚନ୍ଦ୍ର ବୋଷଙ୍କୁ ଗ୍ରହଣ କରିବେ , କିନ୍ତୁ ଦୂର୍ଭାଗ୍ୟ, ସମୟ ଅତିକ୍ରାନ୍ତ ହୋଇ ସାରିଥିଲା । ୧୯୪୬ ରେ ଯେତେବେଳେ କେବିନେଟ୍ ମିଶନ ପ୍ଲାନ୍ ଆସିଲା, ସେଥିରେ ଉଲ୍ଲେଖ ଥିଲା, ଏଥର ଯେଉଁ ନେତା କଂଗ୍ରେସର ସଭାପତି ହେବେ, ସେ ହିଁ ଭାରତର ଇନଟେରିମ୍ ସରକାରର ପ୍ରଧାନମନ୍ତ୍ରୀ ହେବେ । ସେହି ଅନୁସାରେ ସମସ୍ତ କାର୍ଯ୍ୟପନ୍ଥା କରାଯାଇଥିଲା କଂଗ୍ରେସ ଦ୍ୱାରା । ଭୋଟ୍ ହେଲା । ମୋଟ୍ ୧୬ ଟି ଭୋଟ୍ ରୁ ୧୪ ଟି ଭୋଟ୍ ଯାଇଥିଲା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସପକ୍ଷରେ । ସେ ହେଇଥାନ୍ତେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ । କିନ୍ତୁ ସମୟର କି ବିଚାର,କି ବିଚିତ୍ର ଖେଳ !!! ରାଜନୀତିର ପଶାପାଲିରେ ଏଭଳି ଜଣେ ଦୂରଦୃଷ୍ଟି ସମ୍ପର୍ଣ୍ଣ ବଳିଷ୍ଠ ବ୍ୟକ୍ତିତ୍ୱଙ୍କୁ ପ୍ରଧାନମନ୍ତ୍ରୀ ଆସନରେ ବସିବାର ସୁଯୋଗ ମିଳିଲାନି । ତାଙ୍କ ଭାଗ୍ୟକୁ ଚାପି ଦିଆଗଲା , ବୁଲେଇ ଦିଆଗଲା ଚକ । ଉପ ପ୍ରଧାନମନ୍ତ୍ରୀ ଓ ଘରୋଇ ବିଭାଗର ମନ୍ତ୍ରୀପଦରେ ତାଙ୍କୁ ବସାଗଲା । ତମେ ଆଜି ଯେଉଁ ଭାରତକୁ ଦେଖୁଛ, ସେ ଭାରତ ସମ୍ଭବ ହୋଇଛି କେବଳ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ଦୃଢ ନେତୃତ୍ୱ ପାଇଁ । ୫୬୫ ଟି ରାଜାରାଜୁଡ଼ା ଶାସିତ ଅଞ୍ଚଳକୁ ସେ ମିଶେଇ ଥିଲେ ଭାରତ ସହିତ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ସାହସିକତା ଓ ନେତୃତ୍ୱ ବିଷୟରେ ମୁଁ କିଛି ବହି ପଢିଛି । ମୋର ମନେଅଛି ଯାହା ମୁଁ ପଢିଛି, ୧୯୧୮ ଓ ଜୁନ୍ ୧୨ ତାରିଖ,୧୯୨୮ ରେ ଗୁଜୁରାଟର ଖେଦା ଆନ୍ଦୋଳନ ଓ ସୁରଟରେ ବାରଦୋଳି ଆନ୍ଦୋଳନରେ ତାଙ୍କର ବଳିଷ୍ଠ ପରାକ୍ରମଶାଳୀ ନେତୃତ୍ୱ । ୧୯୧୮ ରେ ଯେତେବେଳେ ଗୁଜରାଟର ଲୋକମାନେ ଖାଇବାକୁ ନପାଇ ପୋକ ମାଛି ପରି ମରୁଥିଲେ, ସେତେବେଳେ ଇଂରେଜ ସରକାର ନିରୀହ କୃଷକ ମାନଙ୍କ ପାଖରୁ ଖଜଣା ଆଦାୟ କରିବାକୁ ଜୁଲମ୍ କରୁଥିଲେ । ମହାତ୍ମା ଗାନ୍ଧୀଙ୍କ ସହିତ ମିଶି ଏହି ଅତ୍ୟାଚାରୁ କୃଷକ ମାନଙ୍କୁ ରକ୍ଷା କରିଥିଲେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ । ୧୯୩୪ ରେ ଯେତେବେଳେ କଂଗ୍ରେସ ଦଳ ନିର୍ବାଚନରେ ଭାଗ ନେଲା , ସେତେବେଳେ ସର୍ଦ୍ଦାର ପଟେଲ ଥିଲେ ସେଣ୍ଟ୍ରାଲ ପାର୍ଲିଆମେଣ୍ଟାରି ବୋର୍ଡର ଚେୟାରମେନ । ପୁଂଜି ଯୋଗାଡ଼ କରିବା , ପ୍ରାର୍ଥୀ ଚୟନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତାଙ୍କ ଉପରେ ସଂପୁର୍ଣ୍ଣ ନ୍ୟସ୍ତ ଥିଲା ଯାହାକି ସେ ସଫଳତାର ସହିତ ତୁଲାଇଥିଲେ । କେମିତି ଅଧିକ ପ୍ରାର୍ଥୀ ନିର୍ବାଚିତ ହୋଇ ସେଣ୍ଟ୍ରାଲ ଲେଜିସଲେଟିଭ୍ ଆସେମ୍ବ୍ଲି କୁ ଆସିବେ ସେଥିପାଇଁ ସେ ସବୁକିଛି କରିଥିଲେ । ୧୯୩୬ ରେ ପ୍ରୋଭିନସିଆଲ ନିର୍ବାଚନର ଦାୟିତ୍ୱ ସେ ହିଁ ତୁଲାଇଥିଲେ କଂଗ୍ରେସ ଦଳର ଜଣେ ଟାଣୁଆ ନେତା ହିସାବରେ ।ହଁ,ସର୍ବ ଭାରତୀୟ ସ୍ତରରେ ଆଜି ଯେଉଁ ସବୁ ପରୀକ୍ଷା ହେଉଛି, ଯେମିତିକି ଆଇଏସ୍, ଆଇପିଏସ୍, ସିଷ୍ଟମ୍ ଆଣିବାରେ ସେହି ମହାପୁରୁଷଙ୍କ ବଳିଷ୍ଠ ହାତ ଓ ଦୂରଦୃଷ୍ଟି । ଏହି ଲୌହ ପୁରୁଷଙ୍କ କଥା କହିଲେ ରାତି ପାହିଯିବ ବାବା । ଏହି ମହାପୁରୁଷଙ୍କୁ ଏ ଦେଶ ସଠିକ୍ ସମ୍ମାନ ଦେଇଛି କି ନାହିଁ ସେକଥା ଏ ଦେଶ ବିଚାର କରିବ । ହଁ ,୧୯୯୧ ରେ ତାଙ୍କୁ ମରଣୋତ୍ତର ଭାବରେ ଭାରତ ରତ୍ନ ଉପାଧିରେ ଭୂଷିତ କରିଛନ୍ତି ଭାରତ ସରକାର । ହାଇଦ୍ରାବାଦ ରେ ଯେଉଁ ପୁଲିସ୍ ଏକାଡେମୀରେ ପୁଲିସ୍ ବାବୁମାନେ ତାଲିମ୍ ନିଅନ୍ତି, କେବଳ ତାଙ୍କରି ନାମରେ ନାମିତ ହୋଇଛି । ଆମେ ସମସ୍ତେ ଭାରତ ମାଆର ପୁଅଝିଅ । ସମସ୍ତେ ସମାନ । ଦେଶର ଉନ୍ନତି ହେଲେ, ବ୍ୟକ୍ତିର ଉନ୍ନତି ଆପଣାଛାଏଁ ହେବ । ବାବା,ମନେରଖ ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ଏଇଥିପାଇଁ ଯେ ଏଠାରେ ପାଖାପାଖି ଅଶି ଭାଗରୁ ଅଧିକ ଲୋକ ସନାତନୀ । ସେଥିପାଇଁ ଏ ରାଷ୍ଟ୍ର ନିଜର ସ୍ୱତନ୍ତ୍ର ବିଚାରଧାରାକୁ ବଜାୟ ରଖିଛି । ବେଳେ ବେଳେ ଦୁଃଖ ଲାଗୁଛି, ଏହି ପବିତ୍ର ମାଟିରେ ଜନ୍ମ ନେଇ , କୋଟି କୋଟି ଆୟ କରି ମେଡିଆ ଆଗରେ କେତେଜଣ କହୁଛନ୍ତି,ଏ ଦେଶରେ ରହିବାକୁ ତାଙ୍କୁ ଡର ଲାଗୁଛି । ଯେଉଁମାନେ ଏକଥା କହୁଛନ୍ତି, ସେମାନେ ଇରାକ, ସିରିଆ , ଆଫଗାନିସ୍ତାନ କିମ୍ବା ପାକିସ୍ତାନରେ କିଛି ଦିନ ରହି ଦେଖନ୍ତୁ, ସେମାନେ ନିଜର ଭୁଲ୍ ଆପେ ବୁଝିଯିବେ । ସେହି ମଣିଷ ମାନେ ଭଲଭାବରେ ବୁଝିଯିବେ, ଭାରତ ଭଳିଆ ପବିତ୍ର ପୂଣ୍ୟ ଭୂମି ବିଶ୍ୱରେ କେଉଁଠି ନାହିଁ । ଯେଉଁ ପତ୍ରରେ ଖାଉଛ, ସେହି ପତ୍ରରେ ଛେପ ପକେଇବାକୁ ଆମକୁ ଲଜ୍ଜା ଲାଗିବା ଉଚିତ୍ । ବାବା, ତୁମେମାନେ ଏ ଦେଶର ମେରୁଦଣ୍ଡ । କଥା ପ୍ରସଙ୍ଗରେ ମଉସା ମୋ ବିଷୟରେ ସବୁକଥା ଜାଣି ଯାଇଥିଲେ । ଏ ଦେଶର ପ୍ରଗତିରେ ତୁମ ମାନଙ୍କର ଅସୀମ ଅବଦାନ ରହୁ । ଏ ଦେଶ ସର୍ଦ୍ଦାର ବଲ୍ଲଭଭାଇ ପଟେଲ , ବୀର ସଭରକର, ସୁବାଷ ବୋଷ, ଆଜାଦ, କାଲାମଙ୍କ ପରି ଅମୁଲ୍ୟ ରତ୍ନଙ୍କୁ ସବୁବେଳେ ମନେ ରଖୁ ଓ ପ୍ରଭୁ ପୁରୁଷୋତ୍ତମ ଶ୍ରୀରାମଙ୍କ ତ୍ୟାଗ ତପସ୍ୟାରେ ବ୍ରତୀ ହେବା ସହିତ ଆବଶ୍ୟକ ସ୍ଥଳେ ଏ ବିଶାଳ ଦେଶର ସୁରକ୍ଷା ପାଇଁ ଅଗଣିତ ଯୁବପିଢି ହତିଆର ଧରି ଆଗେଇ ଆସନ୍ତୁ , ମୁଁ ସବୁବେଳେ ଉପରବାଲାଙ୍କୁ ପ୍ରାର୍ଥନା କରୁଛି । ଟ୍ରେନର ଗତି ଧିମେଇ ଗଲା । ହଠାତ୍ ମଉସା ସଚେତନ ହେଲା ଭଳି କହି ଉଠିଲେ,ବାବାରେ, ତୋ ସହିତ ଆଉ କିଛି ସମୟ କଥା ହେବାକୁ ଇଚ୍ଛା ଥିଲେବି, ସମୟ ନାହିଁ । ମୋର ଷ୍ଟେସନ ଆସିଗଲା । ଗାଡ଼ି ରହିଲା ମାତ୍ରେକେ ମଉସା ଓହ୍ଲେଇ ଗଲେ । ମୁଁ ଅପଲକ ନୟନରେ ଅନେଇ ରହିଥିଲି ଏହି ସରଳ ହୃଦୟର ବୟସ୍କ ଜ୍ଞାନୀ, ଭାରତର ରାଜନୈତିକ ପାଣିପାଗକୁ ଖୁବ୍ ଭଲଭାବରେ ବୁଝିଥିବା ମହାନ ମଣିଷ ଜଣଙ୍କୁ ଆଉ ମନେ ମନେ ଭାବୁଥିଲି ସର୍ବ ଧର୍ମର ସମନ୍ୱୟ ଭାରତର ସ୍ୱତନ୍ତ୍ରତା କେବଳ ଏଇଭଳି ଲୋକଙ୍କ ପାଇଁ ବୋଧହୁଏ ବଜାୟ ରହିଛି ।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*




# ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

**ଅନୁଗୋଳ(ପି.ଏନ୍) :** ଗତକାଲି ସକାଳେ ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ଅନୁଷ୍ଠିତ ହୋଇଯାଇଛି । ସକାଳ ପ୍ରାୟ ୯ଘଟିକା ସମୟରେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟିର ବରିଷ୍ଠ ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ ପତାକା ଉତ୍ତୋଳନ କରିବା ସହ ଉପସ୍ଥିତ କଂଗ୍ରେସ କର୍ମୀ ମାନଙ୍କୁ ସାଧାରଣତନ୍ତ୍ର ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିବା ସହ ଭାରତବର୍ଷର ଗଣତନ୍ତ୍ର ଯେଉଁ ଚାରୋଟି ସ୍ତମ୍ଭରେ ଠିଆ ହୋଇଛି, ତାହା ହିଁ ଦେଶର ଦୃଢତା ଓ ଅଖଣ୍ଡତାକୁ ବଜାୟ ରଖିବ ବୋଲି ଆଶା ବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ କମିଟିର ବରିଷ୍ଠ ଉପସଭାପତି ଉମେଶ ଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ନାଏକ, ସହଦେବ ବେହେରା, ଦୁଷ୍ମନ୍ତ ଦଳବେହେରା, ବଳବୀର ସିଂହ, ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ, ବରିଷ୍ଠ କଂଗ୍ରେସ ନେତା ବେଣୁଧର ସାହୁ, ଭଗବାନ ବେହେରା, ଆଇନ ସେଲ ଅଧ୍ୟକ୍ଷ ସତ୍ୟଜିତ ସାହୁ, ଅନୁଗୋଳ ବ୍ଲକ ସଭାପତି ଅମୂଲ୍ୟ ବେହେରା, ମହିଳା କଂଗ୍ରେସ ନେତ୍ରୀ ସ୍ୱାଗତିକା ସାହୁ, ଛାତ୍ର ନେତା ପ୍ରଦ୍ୟୁମ୍ନ ସାହୁ, କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ବହୁ ଯୁବ, ଛାତ୍ର ଓ ମହିଳା କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ । ଗୋପାଳ ଚନ୍ଦ୍ର ନାଥ, ମୁଖ୍ୟ ମୁଖପାତ୍ର, ଜିଲ୍ଲା କଂଗ୍ରେସ କମିଟି, ଅନୁଗୋଳ ।

## ଯୌତୁକ ନିର୍ଯ୍ୟାତନା ମାମଲା

# ସ୍ୱାମୀ ସମେତ ୬ ଜଣଙ୍କୁ ଜେଲ ଓ ଜୋରିମାନା

**ଦର୍ପଣ(ପି.ଏନ୍) :** ଏକ ଯୌତୁକ ନିର୍ଯ୍ୟାତନା ମାମଲାରେ ଆସାମୀ ସ୍ୱାମୀ, ଶାଶୁ, ଶଶୁର, ନଣନ୍ଦ, ନଣନ୍ଦେଇ, ସଂପର୍କୀୟ ନଣନ୍ଦ ଓ ମାମୁ ଶଶୁରଙ୍କୁ ୨ ବର୍ଷ କାରାଦଣ୍ଡାଦେଶ ସହିତ ୭ ହଜାର ଟଙ୍କା ଜୋରିମାନା ଆଦେଶ ଶୁଣାଇଛନ୍ତି ଚଣ୍ଡିଖୋଲ କୋର୍ଟ ସହକାରୀ ଦୌରାଜଜ । ସୂଚନା ଅନୁଯାଇ ବଡଚଣା ଥାନା ଶାନ୍ତିପୁର ଗ୍ରାମର ଫକୀର ଚରଣ ସେଠୀଙ୍କ ଝିଅ ରଶ୍ମିତା କଟକ ଜିଲ୍ଲା ମାହାଙ୍ଗା ଥାନା କଇଥା ଗ୍ରାମର ଅଶୋକ ସେଠୀଙ୍କ ପୁଅ ବିନୋଦଙ୍କ ସହିତ ୩୧.୦୫.୨୦୧୫ ମସିହାରେ ବୈଦିକ ମତେ ବିବାହ ହୋଇଥିଲା । ବର ପକ୍ଷଙ୍କ ଦାବୀ ମୁତାବକ କନ୍ୟା ପକ୍ଷ ଜାନି ଯୌତୁକ ଦେଇଥିଲେ । ଫ୍ରିଜ ଓ ଗ୍ରାଇଣ୍ଡର ପଛରେ ଦେବାପାଇଁ କହିଥିଲେ । ନ ଦେବାରୁ ଆସାମୀ ମାନେ ରଶ୍ମିତାର ପାଟିରେ କନାବିଣ୍ଡା ପୁରେଇ ଗୋଇଠା ବିଧା ମରା ମରି କରିଥିଲେ । ସେ ଆସନ୍ନ ପ୍ରସବା ଥିବାରୁ ପ୍ରବଳ ରକ୍ତଶ୍ରାବ ହୋଇ ଗର୍ଭପାତ ହୋଇଯାଇଥିବା ମେଡିକାଲରେ ଜଣାପଡିଥିଲା । ସେଠାରୁ ତାକୁ ଏକ ଅଟୋରେ ତା ବାପ ଘର ଶାନ୍ତିପୁର ଗାଁ ଶେଷମୁଣ୍ଡ ହନୁମାନ ମନ୍ଦିର ପାଖେ ଛାଡି ଦେଇ ଆସାମୀ ମାନେ ଖସି ପଳାଉ ଯାଉଥିବା ବେଳେ ରଶ୍ମିତାର ଚିତ୍କାର ଶୁଣି ଗାଁ ଲୋକେ ତାକୁ ଉଦ୍ଧାର କରି ଆସାମୀମାନଙ୍କୁ କାବୁ କଲେ । ଏହି ଘଟଣାକୁ ନେଇ ବଡଚଣା ଥାନାରେ ଏକ ମୋକଦ୍ଦମା କେଶ ନଂ ୨୪୨/୨୦୧୫ ରୁଜୁ ହୋଇଥିଲା ଓ କୋର୍ଟରେ ସି.ଟି କେଶ ନଂ ୧୨୩/୨୦୧୭ ରେ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଚଣ୍ଡିଖୋଲ କୋର୍ଟର ସହକାରୀ ଦୌରାଜଜ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଏହାର ବିଚାର କରି ଅଭିଯୁକ୍ତ ବିନୋଦ ସେଠୀ, ଅଶୋକ ସେଠୀ, ଗୀତା ସେଠୀ, ମାନି ସେଠୀ, ମିଟୁ ସେଠୀ, କବି ସେଠୀ ଓ ପ୍ରଫୁଲ ସେଠୀଙ୍କୁ ଦଫା ୪୯୮(କ)ରେ ୨ ବର୍ଷ କାରାଦଣ୍ଡ ସହିତ ୨୦୦୦ ଟଙ୍କା ଜୋରିମନା ଏବଂ ଜୋରିମନା ଅନାଦେୟ ଅଧିକ ୪ ମାସ କାରାଦଣ୍ଡାଦେଶ, ଦଫା ୩୨୩ ରେ ଏକ ବର୍ଷ କାରାଦଣ୍ଡାଦେଶ, ଦଫା ୪ ଯୌତୁକ ନିରୋଦ ଆଇନ ଅନୁଯାୟୀ ୨ ବର୍ଷ କାରାଦଣ୍ଡ ସହିତ ୫୦୦୦ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ଚାରି ମାସର କାରାଦଣ୍ଡ ଶୁଣାଇଛନ୍ତି ।

# ଲକ୍ଷ୍ମୀ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

**ଭୁବନେଶ୍ୱର(ପି.ଏନ୍) :** ନୀଳାଦ୍ରି ବିହାର ସେକ୍ଟର ୧ ଏଟିଏମ୍ ଛକ ସ୍ଥିତ ଲକ୍ଷ୍ମୀ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ସଂଘର ସଭାପତି ତାରକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବନେତା ତଥା ସମାଜସେବୀ ମନୋଜ କୁମାର ସାହୁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ସଂଘର ସଂଯୋଜକ ସୁଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ସମ୍ପାଦକ ତାପସ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ କୁମାର ପଟ୍ଟନାୟକ, ଦ୍ୱିତୀକୃଷ୍ଣ ପଣ୍ଡା, ପ୍ରଫୁଲ ମହାରଣା, ହିମାଂଶୁ ସାହୁ, ସଙ୍ଘାଳି ମହନ୍ତ, ଦୀଲ୍ଲିପ ସାହୁ, କୈଳାଶ ସାହୁ, ନିମାଇଁ ନାୟକ, ରାମ ବେହେରାଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ ସ୍ଥାନୀୟ ବୁଦ୍ଧିଜୀବିମାନେ ଉପସ୍ଥିତ ଥିଲେ ।



# ସହଯୋଗ ଓଡ଼ିଶାର କାର୍ଯ୍ୟକାରିଣୀ ବୈଠକ

**ଫୁଲନଖରା(ପି.ଏନ୍) :** ନଖରାସ୍ଥିତ ଲକ୍ଷେଶ୍ୱର ମନ୍ଦିର ପରିସରରେ ଅଗ୍ରଣୀ ସାମାଜିକ , ସଂସ୍କୃତିକ ଓ ପୂଜ୍ୟପୂଜ୍ୟା ସଂଗଠନ ସହଯୋଗ ଓଡ଼ିଶାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଭାପତି ଗଣେଶ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବରିଷ୍ଠ ନାଗରିକମାନେ ଏକ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ନେଇ ଏକ ବୈଠକ କରିବା ସହ ସହଯୋଗ ଓଡ଼ିଶା ପକ୍ଷରୁ ସେମାନଙ୍କୁ ଚିହ୍ନଟ ପକ୍ରିୟା ଓ ସେମାନଙ୍କର ବିଭିନ୍ନ ପ୍ରକାର ଅସୁବିଧାକୁ ସରକାରଙ୍କ ଦୃଷ୍ଟିଗୋଚର କରିବା ସହ ବ୍ରାହ୍ମଣଝରିଲୋଠାରେ ଥିବା ଲକ୍ଷେଶ୍ୱର



ଶୀତଳ ଭଣ୍ଡାର ପୁନଃ ନିର୍ମାଣ କରିବା ପାଇଁ ସରକାରଙ୍କ ପକ୍ଷରୁ ଟେଣ୍ଡର ହୋଇଥିଲା କିନ୍ତୁ ଏହା କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା ।ଏଥିରେ ଲଳିତ କୁମାର ଦାଶ,ବଂଶୀଧର ଭୋଳ, ଶିକ୍ଷାବିତ ଶରତ କୁମାର ରଥ,ଆରତି ପଣ୍ଡା,ଗୁଣନିଧି ପଟ୍ଟନାୟକ,ଆଇନଜିବୀ ଅନ୍ନପୂର୍ଣ୍ଣା ସାହୁ,ବିଚିତ୍ରାନନ୍ଦ ଦଳାଇ,କେଦାର ଜେନା,ଅନୁପମା ଦାଶ,ସୁଧାକର ସ୍ୱାଇଁ, ବ୍ରହ୍ମାନନ୍ଦ ସାହୁ, କିଶୋର ଚନ୍ଦ୍ର ବରାଳ,ବଳରାମ ସାହୁ,ଗର୍ଦ୍ଦବ ଗିରି,ଭୋଳାନାଥ ସାହୁ,ଅଭୟ କୁମାର ଜେନା,ଲକ୍ଷ୍ମୀଧର ମହାନ୍ତି,ଗଣେଶ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଇନ୍ଦିରା ପାର୍କ ମର୍ଣ୍ଣିଂ ୱାକର୍ସ ଆସୋସିଏସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

**ଭୁବନେଶ୍ୱର(ପି.ଏନ୍) :** ୭୫ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଇନ୍ଦିରାଗାନ୍ଧୀ ପାର୍କସ୍ଥିତ ଇନ୍ଦିରା ପାର୍କ ମର୍ଣ୍ଣିଂ ୱାକର୍ସ ଆସୋସିଏସନ ପକ୍ଷରୁ ଏହାର ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଏଥିରେ ଦୂରଦର୍ଶନ, ଆକାଶବାଣୀ ଓ ସେଣ୍ଟ୍ରାଲ ବ୍ୟୁରୋ ଅଫ କମ୍ୟୁନିକେସନ (ସିବିସି)ର ପୂର୍ବତନ ଉପ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡ଼ା ମୁଖ୍ୟଅତିଥି ରୂପେ ଯୋଗଦେଇ ସାଧାରଣତନ୍ତ୍ର ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଆସୋସିଏସନର ଆବାହକ ତଥା କ୍ରୀଡ଼ା ସଂଗଠକ ଶକ୍ତି ରଞ୍ଜନ ମହାନ୍ତି ଓ ଅନ୍ୟତମ ଆବାହକ ତଥା ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଷ୍ଟେଟ ବ୍ୟାଙ୍କର ବରିଷ୍ଠ ଅଧିକାରୀ ସିଦ୍ଧାର୍ଥ ସାମଲ, ସଚିବାଳୟ କର୍ମଚାରୀ ନେତା ପତିତପାବନ ନାଥ ଶର୍ମା, ମଧୁମିତା ପତ୍ରିକାର ସମ୍ପାଦିକା ମଧୁସ୍ମିତା ପରିଡ଼ା, ବିରଞ୍ଚି ପାତ୍ର, ହିମାଂଶୁ ସୁବୁଦ୍ଧି, ଅନନ୍ତ ସାମଲ, କଳ୍ପତରୁ ସିଂ, ସୁଶାନ୍ତ ପାତ୍ର, ଅନିଲ ପଣ୍ଡା, ପ୍ରଭାକର ମଲ୍ଲିକ, ସୁରେନ୍ଦ୍ର ପଣ୍ଡା, ସୁବାସ ଚନ୍ଦ୍ର ଘଡ଼େଇ, ବ୍ରଜେନ୍ଦ୍ର ପାତ୍ର, ମୋହନ ପ୍ରଧାନ, ପ୍ରାଣପ୍ରିୟ ପାଢୀ, ଉପେନ୍ଦ୍ର, ଲିପନ, ଗୌରୀଶଙ୍କର ଓ ପିୟୁଷ ପ୍ରମୁଖ ଶତାଧିକ ମର୍ଣ୍ଣିଂ ୱାକର୍ସ ଯୋଗଦେଇ ଜାତୀୟ ସଙ୍ଗୀତ ଗାନ କରିବା ସହିତ ବନ୍ଦେ ମାତରଂ ଓ ଭାରତ ମାତା କି ଜୟ ଧ୍ୱନିମାନ ଦେଇଥିଲେ ।

# କଲର କ୍ଲାଉଡ୍ ପବ୍ଲିକ୍ ସ୍କୁଲରେ ବିଜ୍ଞାନ ମେଳା

**ଧର୍ମଶାଳା(ପି.ଏନ୍) :** ଧର୍ମଶାଳା ବ୍ଲକ ଜାରକାସ୍ଥିତ କଲର କ୍ଲାଉଡ୍ ପବ୍ଲିକ ସ୍କୁଲର କୁନି କୁନି ପିଲାଙ୍କୁ ନେଇ ବିଜ୍ଞାନ ମେଳା, କଳା ପ୍ରଦର୍ଶନୀ ଓ ପୁସ୍ତକ ମେଳା ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ନିର୍ଦ୍ଦେଶକ ଅଭିଜିତ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ମହିଳା ଡିଗ୍ରୀ କଲେଜ ଅଧ୍ୟକ୍ଷା ଡ଼ ଇନ୍ଦୁପ୍ରଭା ସାମଲ ଓ ସମ୍ମାନିତ ଅତିଥିଭାବେ ଧର୍ମଶାଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପିକା ସ୍ୱାଗତିକା ଶୁଭଲକ୍ଷୀ ପ୍ରିୟଦର୍ଶିନୀ ଯୋଗଦେଇ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ାଯିବା କ୍ଷେତ୍ରରେ ବିଜ୍ଞାନ, କ୍ରୀଡ଼ା ଓ କଳାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏସବୁ ପାଇଁ ପୁସ୍ତକ ପଠନ ଜରୁରୀ ବୋଲି ଅତିଥିମାନେ କହିଥିଲେ । ସ୍କୁଲର ଅଧ୍ୟକ୍ଷା ବନ୍ଦିତା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରିୟଙ୍କା ସାହୁ , ହରପ୍ରିୟା ନନ୍ଦ , ପ୍ରିୟଙ୍କା ନାୟକ, ସନ୍ଧ୍ୟାରାଣୀ ରାଉତ, ପ୍ରିୟଙ୍କା ଧଳ, ଲିପ୍ତିମୟୀ ଓଝା, ଉର୍ମିଳା ଦାସ, ପୂଜା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସୁବାସ ଚନ୍ଦ୍ର ସାହୁ ରୋଶନ୍ ଆନ୍ଧ୍ରପ୍ରଦେଶ ଓଡ଼ିଆ କଳାକାର ମହାସଂଘ ଦ୍ୱାରା ସମ୍ବର୍ଦ୍ଧିତ



**ପାରଳାଖେମୁଣ୍ଡି (ପି.ଏନ୍) :** କଳା ଓ କଳାକାର ହିତୈଷୀ ମହାମଞ୍ଚ 'ନିର୍ମୂଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ' ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ 'ଆନ୍ଧ୍ରପ୍ରଦେଶ ଓଡ଼ିଆ କଳାକାର ମହାସଂଘ' ତରଫରୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲା ଅନ୍ତର୍ଗତ ବୁଡାରସିଂ ଗ୍ରାମସ୍ଥ ଶ୍ରୀରାମ ମନ୍ଦିରପ୍ରାଙ୍ଗଣରେ ଆୟୋଜିତ ଏକ ସାଂସ୍କୃତିକ ସଭାରେ ସାଙ୍ଗଠନିକ ଦକ୍ଷତା ଏବଂ କଳା କ୍ଷେତ୍ରରେ ସାମଗ୍ରୀକ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି । ମହାସଂଘ ସଭାପତି ସୀମାନ୍ତ ନଟରାଜ ଡା. ତିରୁପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ତେଲୁଗୁ ଚଳଚିତ୍ର ଅଭିନେତା ତଥା ରାଜ୍ୟ ଉପ-ସଭାପତି ଡଃ.କୁମାର ନାୟକ, ଅବସରପ୍ରାପ୍ତ ଡେପୁଟି ଆରକ୍ଷୀ ଅଧୀକ୍ଷକ ଏସ୍. ପ୍ରସାଦ, ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍, ସମାଜସେବୀ ଭେଙ୍କଟ ରାଓ, ବରିଷ୍ଠ ଶିକ୍ଷାବିତ୍ ନାଲ୍ଲା ନୀଳକଣ୍ଠ, ସ୍ୱର ବିବୁଧ ରମେଶ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ସମାଜସେବୀ କୁରା ଗୌଡ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଆନ୍ଧ୍ରପ୍ରଦେଶ ସଂସ୍କୃତିକୁ ପରିପୁଷ୍ଟ କରିବା କ୍ଷେତ୍ରରେ ଆନ୍ଧ୍ର ବାସୀ ଓଡ଼ିଆଙ୍କ ସାଂସ୍କୃତିକଧାରା ବିଶେଷ ସହାୟତା କରୁଥିବା ପରିଦୃଷ୍ଟ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ମହାସଚିବ ରୋଶନ୍ ଙ୍କ ସମେତ ଏସ୍. ପ୍ରସାଦ, ଭେଙ୍କଟ ରାଓ, ଜଳନ୍ଧର ସାହୁ, ଖଗେଶ୍ୱର ଗୌଡ, ପ୍ରଦୀପ କୁମାର ସାହୁ ପ୍ରମୁଖଙ୍କୁ ଆନୁଷ୍ଠାନିକ ସମ୍ବର୍ଦ୍ଧିତକରାଯାଇଥିଲା ।

# ଶ୍ରୀ ବାଟ ମହାବୀର ବ୍ୟବସାୟୀ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ

**ଭୁବନେଶ୍ୱର(ପି.ଏନ୍) :** ୭୫ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରୀ ବାଟ ମହାବୀର ବ୍ୟବସାୟୀ ସଂଘ ପକ୍ଷରୁ ୟୁନିଟ୍-୨ ଠାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା । ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ଶ୍ରୀ ବାଟ ମହାବୀର ବ୍ୟବସାୟୀ ସଂଘର ସଭାପତି ଦୀପକ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଦୂରଦର୍ଶନ, ଆକାଶବାଣୀ ଓ ସେଣ୍ଟ୍ରାଲ ବ୍ୟୁରୋ ଅଫ କମ୍ୟୁନିକେସନ (ସିବିସ)ର ପୂର୍ବତନ ଉପ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡ଼ା, ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ ସାହୁ ଓ ରାକେଶ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାଧାରଣତନ୍ତ୍ର ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ



ଆଲୋକପାତ କରିଥିଲେ । ଏହି ଉତ୍ସବରେ ମହାବୀର ବ୍ୟବସାୟୀ ସଂଘର ଚିନ୍ତାମଣି ମହାରଣା, ସୁଶାନ୍ତ ସେଣ, ଅକ୍ଷୟ ବେହେରା, ଲିପକ ମହାପାତ୍ର, ଏମ୍ଡ଼ି ରିହାନ, ଧନେଶ୍ୱର ପାତ୍ର, ଇସ୍ରାଏଲ ଖାନ ଓ ପ୍ରଶାନ୍ତ ମହାରଣା ପ୍ରମୁଖ ଶତାଧିକ ବ୍ୟବସାୟୀ ଯୋଗ ଦେଇ ଜାତୀୟ ସଙ୍ଗୀତ ଗାନ କରିବା ସହିତ ବନ୍ଦେ ମାତରଂ ଓ ଭାରତ ମାତା କି ଜୟ ଧ୍ୱନିମାନ ଦେଇଥିଲେ ।

# ମା ସାହାଡ଼େଶ୍ୱରୀଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ

**ଫୁଲନଖରା(ପି.ଏନ୍) :** ସଦର ଥାନା ନଗରୀ ପଞ୍ଚାୟତ ଅନ୍ତର୍ଗତ ସନ୍ତୋଳ ଗ୍ରାମର ମା ସାହାଡ଼େଶ୍ୱରୀଙ୍କ ୫୨ ତମ ବାର୍ଷିକ ଉତ୍ସବ ଦୁଇ ଦିନ ଧରି ପାଳିତ ହୋଇଯାଇଛି । ମା ସାହାଡ଼େଶ୍ୱରୀ ସେବକ ସଂଘ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପବିତ୍ର ପୌଷ ପୂର୍ଣ୍ଣିମା ତିଥି ଗୁରୁବାର ଦିନ ବିଶ୍ୱଶାନ୍ତି ମହାଯଜ୍ଞ,କଳସ ଶୋଭଯାତ୍ରା,ଘଟ ସ୍ଥାପନ କରାଯାଇ ସଂଧ୍ୟା ଆଳତି ଓ ଭଜନ ପରିବେଷଣ କରାଯାଇଥିଲା । ଶୁକ୍ରବାର ଦିନ ଗୁଆଳି ବାଲିଚତୁରୀ ର ଗାୟକ ପବିତ୍ର ଦାସ ଓ ସାଥି ଓ କାଳିଆ ଘାଇ ମାଣିକପୁରି ର ଗାୟକ ବିଜୟ ଦାସ ଓ ସାଥିଙ୍କ ଦ୍ୱାରା ବ୍ରହ୍ମ ଜ୍ଞାନ ପରିବେଷଣ କରାଯାଇଥିଲାବେଳେ ସଂଧ୍ୟାରେ ଶିଶୁ କଳାକାରମାନେ ଆଧାତ୍ମିକ ନୃତ୍ୟ ପରିବେଷଣ କରିଥିଲେ । ଅନୁଷ୍ଠାନ ପକ୍ଷରୁ ସାମ୍ବଦିକ ,ଗ୍ରାମର ମୁରବି ଓ ଅଞ୍ଚଳର ଆଧାତ୍ମିକବାଦୀ କଳାକାରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଧରଣୀଧର ଭୋଇ,ଚୈତନ୍ୟ ଭୋଇ,ଭବାନୀ ଭୋଇ, ରମାକାନ୍ତ ଭୋଇ,ପୁନାନନ୍ଦ ଭୋଇ,ବିଷ୍ଣୁ ଭୋଇ,ମଧୁସୂଦନ ଭୋଇ,ବିଜୟ ଭୋଇ,ବିଜ୍ଞାନ ଭୋଇ , ଲୋକନାଥ ଭୋଇଙ୍କ ସମେତ ସେବକ ସଂଘର ସଦସ୍ୟମାନେ ଉତ୍ସବ ପରିଚାଳନା କରିଥିଲେ ।

# ଗୋକର୍ଣ୍ଣିକା କଲେଜ୍‌ରେ ବକ୍ତୃତା ପ୍ରତିଯୋଗିତା

**ଧର୍ମଶାଳା(ପି.ଏନ୍) :** ଜାରକାସ୍ଥିତ ଗୋକର୍ଣ୍ଣିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଧାରଣତନ୍ତ୍ର ଦିବସ ଓ ଦେଶ ଗଠନରେ ଛାତ୍ରଛାତ୍ରୀ ମାନଙ୍କ ଭୂମିକା ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଚାରକ ଭାବେ ଅଧ୍ୟାପକ



ସମ୍ପିତ କୁମାର ପଣ୍ଡା ଓ ଅଧ୍ୟାପକ ମନୋଜ କୁମାର କବି ଯୋଗଦେଇଥିଲେ । ଏହି ପ୍ରତିଯୋଗିତାରେ ଛାତ୍ରୀ ଲିସା ପୃଷ୍ଟି ପ୍ରଥମ, ସୁଲଗ୍ନା ଦୋରା ଦ୍ୱିତୀୟ ଓ ଆର୍ଚ୍ଚିତା ସାମଲ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସ୍କୁଲର ପ୍ରତିଷ୍ଠାତା ମଦନ ମୋହନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନା, ମୁଖ୍ୟବକ୍ତା ଭାବେ ଧର୍ମଶାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ରାଧାଶ୍ୟାମ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ର ଚେୟାରମ୍ୟାନ ତାପସ କୁମାର ନାୟକ ଯୋଗଦେଇ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୩ ଜଣ ଛାତ୍ରୀଙ୍କୁ ଟ୍ରଫି ଓ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ ।

# ୭୫ ତମ ଗଣତନ୍ତ୍ର ଦିବସ ପାଳନ

**ବାସୁଦେବପୁର(ପି.ଏନ୍) :** ବାସୁଦେବପୁର ରେ ବିଭିନ୍ନ ସ୍ଥାନ ରେ ୭୫ ତମ ଗଣତନ୍ତ୍ର ଦିବସ ପାଳନ ହୋଇ ଯାଇଛି । ସ୍ଥାନୀୟ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ରେ ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ ଓ ପୌର ଅଧ୍ୟକ୍ଷା ନିବେଦିତା ବେହେରା, ଉପାଧ୍ୟକ୍ଷ ଉତ୍ତମ ବାରିକ୍, ପୌର ଅଧିକାରୀ ସମୀର ରଞ୍ଜନ ଦାଶ ଙ୍କ ଉପସ୍ଥିତି ରେ ପତାକା ଉତ୍ତୋଳନ ହୋଇ ଯାଇଛି । ଏହି ଅବସର ରେ ପୌର ପରିଷଦ ର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ । ସେହିପରି ନୀଳ ମଣି ମାର୍କେଟ କମ୍ପ୍ଲେକ୍ସ, ଆର ଏମ ସି ମାର୍କେଟ କମ୍ପ୍ଲେକ୍ସ, ମେଡିକାଲ, ବ୍ଲକ୍ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ସହ ଅନେକ ସ୍ଥାନ ରେ ଗଣ ତନ୍ତ୍ର ଦିବସ ପାଳନ କରାଯାଇଛି ।

# ଧାମନଗର ବ୍ଲକ ଓ ଏନ୍ ଏ ସି ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ

**ଧାମନଗର(ପି.ଏନ୍) :** ଧାମନଗର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ,ମହାବିଦ୍ୟାଳୟ,ଶିକ୍ଷ ଅନୁଷ୍ଠାନ,ବ୍ୟାଙ୍କ,ବଣିକ ଓ ମଟର ଚାଳକ ସଂଘ,ଘରୋଇ ଅନୁଷ୍ଠାନ ଓ ସେବା ସମବାୟ ସମିତି ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରି ୭୫ତମ ସାଧାରଣତନ୍ତ୍ର ଦିବସ ଜାକଜମକରେ ପାଳିତ ହୋଇଯାଇଛି । ଶୁକ୍ରବାର ଧାମନଗର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା,ତହସିଲ କାର୍ଯ୍ୟାଳୟ ତହସିଲଦାର ଦୀପକ କୁମାର ଦାସ,ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଠାରେ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ଉପସ୍ଥିତ ରେ ଅଧ୍ୟକ୍ଷା ନିବେଦିତା ଜେନା,ଏସଡିପିଓ ଅଫିସ ଏବଂ ଧାମନଗର ଥାନା ପରିସରରେ ଆଇଆଇସିଙ୍କ ଉପସ୍ଥିତ ରେ ଏସଡିପିଓ ରମେଶ ଚନ୍ଦ୍ର ସିଂ ପତାକା ଉତ୍ତୋଳନ କରିଥିଲେ । ସେହିପରି ଧାମନଗର ପ୍ରେସ୍ କ୍ଲବ ସମ୍ମୁଖରେ ସଭାପତି ବୈକୁଣ୍ଠ ନାଥ ସାହୁ,ଓକିଲ ସଂଘ ପକ୍ଷରୁ ସଭାପତି ଅଶୋକ କୁମାର ଦାସ,ବରିଷ୍ଠ ନାଗରିକ ପରିଷଦ ତରଫରୁ ସାଧାରଣ ସମ୍ପାଦକ ଶଶିକାନ୍ତ ପଣ୍ଡା,ବନ ବିଭାଗ କାର୍ଯ୍ୟାଳୟ ଠାରେ ଫରେଷ୍ଟର,ଅବକାରୀ କାର୍ଯ୍ୟାଳୟ ଠାରେ ସନ୍ଦୀପ ପାଢ଼ୀ,ଜଳସେଚନ ବିଭାଗ କାର୍ଯ୍ୟାଳୟ ଠାରେ ଏସଡିଓ ବିଜୟ କୁମାର ସେଠୀ,



ଧାମନଗର ୟୁକୋ ବ୍ୟାଙ୍କ ଠାରେ ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ସାହୁ,ବାଲେଶ୍ୱର-ଭଦ୍ରକ ସମବାୟ ବ୍ୟାଙ୍କ ସମ୍ମୁଖରେ ବରିଷ୍ ସାମ୍ବାଦିକ ବାସୁଦେବ ତ୍ରିପାଠୀ,ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଠାରେ ବିଇଓ ଗଦାଧର ଜେନା,ଉପନିବନ୍ଧକ କାର୍ଯ୍ୟାଳୟ ଠାରେ ଅଧିକାରୀ ସତ୍ୟରଞ୍ଜନ ପାତ୍ର,ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଅକ୍ଷୟ କୁମାର ଘଳାଇ,ମହତାବ ସେବାସଦନ ପରିସରରେ ସଦନର ମୁଖ୍ୟ ପରିଚାଳକ ବାସୁଦେବ ତ୍ରିପାଠୀ,ମଦ୍ରାସା ଗୌସିୟା ରୋ?ଫିୟା ପରିସରରେ ଅଧ୍ୟକ୍ଷ ସୟଦ ଫାରୁକରଜା,ମଦ୍ରାସା ତାହେରିଆ ହନିଫିଆ ଠାରେ ପ୍ରଧାନ ଶିକ୍ଷକ ସେକ ନାସିରୁଦ୍ଦିନ (ରାଜା ସାର),ଘରୋଇ ବୈଷୟିକ ନିତ୍ୟାନନ୍ଦ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଅନୁଷ୍ଠାନର ମୁଖ୍ୟ ଜୟନ୍ତ କୁମାର ବିଶ୍ୱାଳ,ଧାମନଗର ହାଇସ୍କୁଲରେ ପ୍ରଧାନ ଶିକ୍ଷକ ରମଣୀ ରଂଜନ ରାଉତ,ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସେନାପତି,ଘରୋଇ ଶିକ୍ଷା ଅନୁଷ୍ଠାନ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରତିଷ୍ଠା ଶରତ ଚନ୍ଦ୍ର ମହାନ୍ତି,ଅକ୍ସଫୋର୍ଡ୍ ପବ୍ଲିକ ସ୍କୁଲ ପରିସରରେ ଅଧ୍ୟକ୍ଷ ଶରତ ଚନ୍ଦ୍ର ମିଶ୍ର,ଧାମନଗର ଫିଡର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଖୁଣ୍ଟିଆ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନମୟ ସାମନ୍ତ ସିଂହାର,ବିଜେଡି ଦଳ ତରଫରୁ ବିଜୁ ପଟ୍ଟନାୟକ ଛକଠାରେ ନଗର ସଭାପତି ସୁଶାନ୍ତ କୁମାର ରାଉତ,ବିଜେପି କାର୍ଯ୍ୟାଳୟ ଠାରେ ବରିଷ୍ଠ ନେତା ମନୋରଞ୍ଜନ ମଲ୍ଲିକ,କଂଗ୍ରେସ କାର୍ଯ୍ୟାଳୟ ଠାରେ ବ୍ଲକ ସଭାପତି ରମେଶ ଚନ୍ଦ୍ର ବେହେରା,ଅଗ୍ନିଶ୍ରମ କାର୍ଯ୍ୟାଳୟ ଠାରେ ଅଧିକାରୀ ସୁମନ୍ତ କୁମାର ଜେନା,ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଡାକ୍ତର ଦୀପକ କୁମାର ନାୟକ,ସାମ୍ବାଦିକ ସଂଘ,ମଟରଚାଳକ ସଂଘଙ୍କ ସମେତ ବହୁ ଶିକ୍ଷା ଅନୁଷ୍ଠାନ, ଧାମନଗର ସେବା ସମବାୟ ସମିତିରେ ସଭାପତି ଦେବାଶିଷ ମହାନ୍ତି ପ୍ରମୁଖ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି ।

# ଧର୍ମଶାଳାର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**ଧର୍ମଶାଳା(ପି.ଏନ୍) :** ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଧର୍ମଶାଳା ବିଜେଡି କାର୍ଯ୍ୟାଳୟରେ ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି ପତାକା ଉତୋଳନ କରିଥିଲେ । ଧର୍ମଶାଳା ବ୍ଲକ କାର୍ଯ୍ୟାଳୟରେ ବିଡିଓ ଦେବେନ୍ଦ୍ର ପ୍ରସଦ ବଳ, ଜାରକା ଜଳସେଚନ କାର୍ଯ୍ୟାଳୟରେ ଅଧିକ୍ଷଣଯନ୍ତ୍ରୀ କାମଦେବ ଦାସ , ଜାରକା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଅଧିକ୍ଷଣ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ସେଠୀ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଶୁଭଙ୍କର ମହାନ୍ତି , ଧର୍ମଶାଳା ଥାନାରେ ଥାନାଅଧିକାରୀ ରାକେଶ ତପନ କୁମାର ନାୟକ ପତାକା ଉତୋଳନ କରିଥିଲେ । ସେହିପରି ଧର୍ମଶାଳା ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରଠାରେ ପ୍ରତିଷ୍ଠିତ ସାହିତ୍ୟିକ ତଥା ବିଶିଷ୍ଟ ଶିକ୍ଷାବିତ ଡଃ.ରାଜକିଶୋର ପାଢୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତୋଳନ



କରିଥିଲେ । ଧର୍ମଶାଳା ପ୍ରେସ କ୍ଲବର ଜାରକାସ୍ଥିତ କାର୍ଯ୍ୟାଳୟରେ ସଭାପତି ରମାକାନ୍ତ ଜେନା,ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଉପସଭାପତି ଇନ୍ଦ୍ରମଣି ନାୟକ, ଶାନ୍ତିବଜରାସ୍ଥିତ ବିଜେପି କାର୍ଯ୍ୟାଳୟରେ ନାରୀନେତ୍ରୀ ସ୍ମୃତିରେଖା ପହି, କଂଗ୍ରେସ ପକ୍ଷରୁ ଗୋପବନ୍ଧୁ ଛକରେ ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡା ପତକା ଉତୋଳନ କରିଥିଲେ । ସେହିପରି ପତଳି ଯୋଗ ସମିତିରେ କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳ ,ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ଧର୍ମଶାଳା ପକ୍ଷରୁ କାର୍ଯ୍ୟାଳୟରେ ସଭାପତି ଯୁଧିଷ୍ଠିର ସ୍ୱାଇଁ ପତକା ଉତୋଳନ କରିଥିଲେ । ଧର୍ମଶାଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଜୟନ୍ତ କୁମାର ସାହୁ, ମହିଳା ଡିଗ୍ରୀ କଲେଜରେ ଅଧ୍ୟକ୍ଷା ଡ.ଇନ୍ଦୁପ୍ରାଭା ସାମଲ, ରେନେସାଂ କଲେଜରେ ସମ୍ପାଦକ ବିଭୁତି ଭୁଷଣ ରାଉତ, ରୋଟାରି କ୍ଲବ ଜାରକାରେ ସଭାପତି ବିପିନ ଷଡଙ୍ଗୀ ପତକା ଉତୋଳନ କରିଥିଲେ । ସେହିପରି ଧର୍ମଶାଳା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଓ ଘରୋଇ ଅନୁଷ୍ଠାନ ପକ୍ଷରୁ ମହାଆଡମ୍ବର ସହକାରେ ସାଧାରଣତନ୍ତ୍ର ଦିବସ ପାଳନ ହୋଇଯାଇଛି ।




# ରାଜ୍ୟପାଳଙ୍କ ଖପ୍ରାଖୋଲ ବ୍ଲକ ଗସ୍ତ

## ଛାତ୍ରୀ ଛାତ୍ର ଓ ମହିଳାଙ୍କ ସହ କଲେ ଆଲୋଚନା

**ଖପ୍ରାଖୋଲ(ପି.ଏନ୍) :** ଓଡ଼ିଶାର ମହାମହିମ ରାଜ୍ୟପାଳ ରଘୁବର ଦାସ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ରବିବାର ଗସ୍ତ କରିଛନ୍ତି । ଏହି ଅବସରରେ ପ୍ରଥମେ ନୂଆପଡ଼ା ଜିଲ୍ଲା ରୁ ଗସ୍ତ ଆରମ୍ଭ କରି ପ୍ରଥମେ କରୁଆଝର ପଞ୍ଚାୟତ ଝଲିଆଲିଟି ଗାଁ ର ଅଙ୍ଗନବାଡ଼ି କେନ୍ଦ୍ର କୁ ଯାଇ ଶିଶୁ ଓ ମା ମାନଙ୍କ ସହ ଆଲୋଚନା କରିଥିଲେ । ସରକାରଙ୍କ ପୋଷଣ ଯୋଜନାର କାର୍ଯ୍ୟକାରିତା ଉପରେ ପଚାରି ବୁଝିଥିଲେ । ପରେ ସାହାଜପାଣି ପଞ୍ଚାୟତ ଫୁଲକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ରେ ପହଞ୍ଚି ଛାତ୍ରୀ ଛାତ୍ର ଙ୍କ ସହ ଆଲୋଚନା କରି ଭଲ ପାଠ ପଢି ଭଲ ମଣିଷ ହେବାକୁ ଆହ୍ୱାନ କରିଥିଲେ । ଛାତ୍ରୀ ଛାତ୍ର ଙ୍କୁ ମାନଙ୍କୁ ପାଠ ପଢି କଣ ହେବେ ବୋଲି ପଚାରିବା ସହ ସ୍ୱପ୍ନକୁ ସାକାର ପାଇଁ କଠିନ ପରିଶ୍ରମ କରିବାକୁ କହିଥିଲେ । ପରେ ଖପ୍ରାଖୋଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଞ୍ଚି ଆଶାକର୍ମୀ,ଏ ଏନ ଏମ ଓ ଡାକ୍ତର ମାନଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟ କେନ୍ଦ୍ର ବୁଲି ଦେଖିଥିଲେ । ପରେ ପବିତ୍ର ପୁଣ୍ୟ କ୍ଷେତ୍ର ତଥା ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ପହଞ୍ଚି ମନ୍ଦିର ପରିସର ଉନ୍ନୟନ କାମ ବୁଲିଦେଖିବା ସହ ମନ୍ଦିରରେ ଠାକୁର ଦର୍ଶନ କରି ପୂଜା ପାଠ କରିଥିଲେ । ସେହିପରି ଝରଣା କୁଳ, ପାହାଡ଼ର ପ୍ରାକୃତିକ ସୋନ୍ଦର୍ଯ୍ୟ ଦେଖିଥିଲେ । ପରେ ବସଷ୍ଟାଣ୍ଡ, ମଧ୍ୟମ କ୍ଷୁଦ୍ର ବ୍ୟସାୟିକ ଉଦ୍ୟୋଗ ସ୍ଥଳୀ ବୁଲି ମହିଳା ମାନଙ୍କ ଦ୍ୱାରା ବିଭିନ୍ନ ଉତ୍ପାଦନ ଦେଖିଥିଲେ । ସେହିପରି ମହିଳାମାନଙ୍କ ସହ ବିଭିନ୍ନ ଆଲୋଚନା କରି ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ । ଦେଶର ଅର୍ଥନୈତିକ ଅଭିବୃଦ୍ଧି ରେ ମହିଳା ମାନଙ୍କ ଭାଗିଦାରୀ ଥିବାବେଳେ ଦେଶରେ ୮୦ହଜାର ସ୍ୱୟଂ ସହାୟକ ଗୋଷ୍ଠୀ ବିଭିନ୍ନ କାମ କରିବାସହ କୃଷିକ୍ଷେତ୍ରରେ ରେ ଭାଗିଦାରୀ ବଢ଼ିଛି । ମହିଳାଙ୍କୁ ଡ୍ରୋନ ଚାଳନା ତାଲିମ ଦିଆଯାଉଛି । ଆଗାମୀ ଦିନରେ ଜୈବିକ କୃଷି କରି ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରିବାସହ ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ସଚେତନ ହେବାକୁ କହିଥିଲେ । ମହିଳା ମାନେ କାଫେ କରି ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରି ଗ୍ରାହକଙ୍କୁ ପରଷିବା ସହ ମାସିକ ଭଲ ରୋଜଗାର କରିବାରେ ସଫଳ ହୋଇଥିବା ରୁ ଖୁସି ବ୍ୟକ୍ତ କରିଥିଲେ । ପରେ କାଫେ ରେ ମଧ୍ୟାହ୍ନ ଭୋଜନ କରିଥିଲେ । ଏହି ଅବସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗସ୍ତ କାର୍ଯ୍ୟକ୍ରମ ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା, ଏସ ପି ରିଶିକେଶ ଖିଲାରି, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂ, ଏଡିଏମ୍ ଲମ୍ବୋଦର ଧରୁଆ, ପାଟଣାଗଡ଼ ଉପ ଜିଲ୍ଲାପାଳ ଡ ବିଜୟାନନ୍ଦ ସେଠୀ , ବିଡିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



# କିଏ ହେବେ ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ?



**ଦର୍ପଣ(ପି.ଏନ୍) :** ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଆସନ୍ତା ବିଧାନ ସଭା ନିର୍ବାଚନରେ କେଉଁ ବ୍ୟକ୍ତି ବିଧାନସଭା ପ୍ରାର୍ଥୀହେବ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ୨୦୧୪ ଏବଂ ୨୦୧୯ରେ ବିଜେପି ପ୍ରାର୍ଥୀ ଭାବେ ରମେଶ ଚନ୍ଦ୍ର ପରିଡ଼ା(ତୁଷାର) ପ୍ରାର୍ଥୀ ହୋଇଥିଲେ । ସେମଧ ଦୁଇଥର ଯାକ ନିର୍ବାଚନରେ ପରାଜୟ ବରଣ କରିଥିଲେ । ପରାଜୟ ପରେ ସେ ମଧ ବିଜେପି ଦଳ ଛାଡ଼ି ପୁନରାୟ ବିଜେଡ଼ିରେ ସାମିଲ ହୋଇଛନ୍ତି । ବର୍ତ୍ତମାନ ସ୍ମୃତିରେଖା ପହୀ କଂଗ୍ରେସ ଦଳ ପରିତ୍ୟାଗ କରି ବିଜେପି ଦଳରେ ସାମିଲ ହୋଇ କେତେକାଂଶରେ ସଂଗଠନ କରୁଛନ୍ତି ବୋଲି ଦେଖିବାକୁ ମିଳୁଛି । ୨୦୧୯ ବିଧାନସଭା ନିର୍ବାଚନରେ ଶ୍ରୀମତୀ ପହୀ କଂଗ୍ରେସ ଦଳର ପ୍ରାର୍ଥୀହୋଇ ୧୮ହଜାର ଭୋଟ ପାଇଥିଲେ । କେଉଁ ଉଦ୍ଦେଶ୍ୟରେ ସେ କଂଗ୍ରେସ ଦଳକୁ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି । ଦେଖିବାକୁ ମିଳେ ଧର୍ମଶାଳାରେ କୌଣସି ବ୍ୟକ୍ତି ବିଜେପି ଦଳର ବା ଆରଏସ୍‌ଏସ୍‌ର ଓ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକ୍ରମରେ ସାମିଲ ହୋଇ ନଥିଲେ । କିନ୍ତୁ ସେ ଏବେ ନିଜକୁ ବିଜେପି ବୋଲି ପରିଚୟ ଦେଉଛନ୍ତି । ସାଂଗଠନିକ ସଭାନାମରେ କେବଳ ୧୨ରରୁ ୧୪ବର୍ଷ ପିଲାଙ୍କୁ ନେଇ ସଂଗଠନ କରୁଛନ୍ତି ବୋଲି ଜଣା ପଡୁଛି । ବିଗତ ପଂଚାୟତ ନିର୍ବାଚନରେ ଶ୍ରୀମତୀ ପହୀ କେଉଁ କେଉଁ ସ୍ଥାନରେ ସରପଂଚ ସମିତି ସଭ୍ୟ ଓ ଜିଲ୍ଲାପରିଷଦ ପ୍ରାର୍ଥୀ ଦେଇଥିଲେ ହେଁ ସେଥିରେ ମଧ ସେ ଜିଲ୍ଲାପରିଷଦ ସଭ୍ୟ ଭାବେ ଗୋଟିଏ କୁ ମଧ ନିର୍ବାଚନରେ ଜିତାଇ ପାରି ନାହାଁନ୍ତି । ଆଶା ରଖୁଛନ୍ତି କେବଳ ଉଚ୍ଚସ୍ତରୀୟ ନେତାଙ୍କ ପାଖରୁ ଟିକେଟ ପାଇ ନିର୍ବାଚନ ଲଢ଼ିବା ପାଇଁ । ଅନ୍ୟପକ୍ଷରେ ଦେଖାଯାଏ ହିମାଂଶୁ ସାହୁ (ଲିକୁ) ସେ ବିଜେପି ଦଳରେ ସାମିଲ ହୋଇ ଚଣ୍ଡିଖୋଲ ଛକ ଠାରୁ ଏକ ବିରାଟ ପଟୁଆରରେ କୁଆଖିଆ ପର୍ଯ୍ୟନ୍ତ ଯାଇଥିଲେ । ଜଣାପକ୍ଷେ ସେ ରାଲିରେ ପ୍ରାୟ ୩ହଜାରରୁ ଉର୍ଦ୍ଧ୍ୱ ଛାତ୍ର, ଯୁବକ ଓ ବରିଷ୍ଠ ବ୍ୟକ୍ତିଜ ମାନେ ଯୋଗଦେଇଥିଲେ । ସେ ମିଶି ସାରିଲା ପରେ ଜାତୀୟ ରାଜପଥ ଜାରକା ବଜାର, ଧର୍ମଶାଳା ବଜାର ଓ ଅନ୍ୟା ପଂଚାୟତ ମାନଙ୍କରେ ନିଜର ବ୍ୟାନର ଟାଙ୍ଗୀ ବିଜେପି ନେତାମାନଙ୍କୁ ସ୍ଥାନ ଦେଇଛନ୍ତି । ବିଗତ ଦିନରେ ରସୁଲପୁର ବ୍ଲକ ସମ୍ମୁଖରେ ସରକାର ବିରୁଦ୍ଧରେ ଏକ ପ୍ରତିବାଦ ସଭା କରାଯାଇଥିଲା । ବିଜେପି ପକ୍ଷରୁ ସେଥିରେ ହିମାଂଶୁ ସାହୁଙ୍କ ଫଟୋ ନଥିବାରୁ ତାଙ୍କ ଦଳୀୟ କର୍ମୀମାନେ ଉକ୍ତ ବ୍ୟାନରକୁ ଚିରି ଗଣ୍ଡଗୋଳ ସୃଷ୍ଟି କରିଥିଲେ ବୋଲି ସାଧାରଣରେ ଅଭିଯୋଗ ହେଉଅଛି । ସେ ଦୁଇ ବିଜେପି ବ୍ୟକ୍ତି ଧର୍ମଶାଳା ବ୍ଲକର ସମସ୍ତ ପଂଚାୟତରେ କେଉଁଠାରେ ଯଜ୍ଞ ଅଷ୍ଟପ୍ରହରୀ, ସୁଧିକାର୍ଯ୍ୟ ବ୍ରତ ବିବାହ, ଏହିସବୁ କାର୍ଯ୍ୟରେ ଯୋଗଦେବା ପାଇଁ ମନ ବଳାଉଛନ୍ତି ବୋଲି ଜଣାପଡୁଛି ।

# ହଜରତ ବଡେଖାନ୍ ଗାଜି ବାବାଙ୍କ ବାର୍ଷିକ ଉତ୍ସବ ପାଳନ



**ଧାମନଗର(ପି.ଏନ୍) :** ଧାମନଗର ବିଜ୍ଞାପନ ଅଞ୍ଚଳ ପରିଷଦ ଅନ୍ତର୍ଗତ ୯ନମ୍ବର ୱାର୍ଡ ପଠାନମହଲା ଗ୍ରାମରେ ବହୁ ବର୍ଷ ଧରି ଅବସ୍ଥାପିତ ପୀରବାବା ହଜରତ ବଡେଖାନ୍ ଗାଜି ବାବାଙ୍କ ବାର୍ଷିକ ଉର୍ସ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଖାନକା ସରିଫ ମତ୍ୱଲିଙ୍କ ଭାଇ ସୟଦ ଫାରୁକ ରଜା ଶନିବାର ସକାଳ ୬ଟା ସମୟରେ ଯୋଗଦେଇ ପୀର ବାବାଙ୍କ ଆସ୍ଥାନକୁ ଗୋଲାପ ଜଳ ଓ ଚନ୍ଦନରେ (ସ୍ନାନ) ଗାଧେଇବା ପରେ ୭ଟାରେ କୋରାନ ଖାନି ଓ ଫାତେହା ପରେ (ଲଙ୍ଗର) ଭୋଗ ବଣ୍ଟନ କରାଯାଇଥିଲା । ପୀରବାବାଙ୍କ ଭକ୍ତ ଓ ଶ୍ରଦ୍ଧାଳୁ ୭ଟା ୩୦ ଠାରୁ ଚାଦର ଚଢାଇ ସର୍ବ ସାଧାରଣରେ ବାବାଙ୍କ ଦର୍ଶନ ଆରମ୍ଭ ହୋଇଥିଲା । ଏହି ପରିପ୍ରେକ୍ଷୀରେ ରାତି୮ଟା ସମୟରେ ଜଲସା ଓ ଧର୍ମିକ ଚର୍ଚ୍ଚା କାର୍ଯ୍ୟକ୍ରମରେ ଅନ୍ୟ ରାଜ୍ୟରୁ ଆସିଥିବା ଓଲମାଇକ୍ରାମ ଓ ସାଏର ମାନେ ଯୋଗଦେଇଥିଲେ । ଏଥିରେ ସାଏରଇସଲାମ ଜନାବ ହବିବୁଲ୍ଲା ଫଏଜି (ମଧୁପୁର) ଜନାବ ଯିୟା ଇଜଦାନି (ଉତ୍ତର ପ୍ରଦେଶ) ଜନାବ ସମସ୍ ତବରେଜ (ଭାଗଲପୁର) ଜନାବ ସାହିଦ୍ ରଜା ହବିବି (ଧାମନଗର) ହାଫିଜ ଅଜମଲ ହବିବି (ବାରିପଦା) ପ୍ରମୁଖ ଉର୍ସ ଉତ୍ସବରେ ଯୋଗଦେଇ ପୀରବାବାଙ୍କ ଦର୍ଶନ ସହ ଏହି ଅବସରରେ ଏକ ଜଲସା ଓ ନାତ୍ ମନକବତ୍ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବାବାଙ୍କ ଜିବନୀ ଉପରେ ଲୋକମାନଙ୍କୁ ସୂଚନା ଦେଇଥିଲେ । ଏହି ଅବସରରେ ଆମ ଓଡିଶା ନବୀନ ଓଡିଶା ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ କୁମାର ଦାସ,ଏନ୍ ଏ ସି ଅଧକ୍ଷା ନିବେଦିତା ଜେନା, ସ୍ଥାନୀୟ କାଉନସିଲର ନଜମା ଖାତୁନ, ବିଜେଡି ନଗର ସଭାପତି ସୁଶାନ୍ତ କୁମାର ରାଉତ,ବରିଷ୍ଠ ବିଜେଡି ନେତା ଲମ୍ବୋଦର ଜେନା କୃଷ୍ଣ ଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ,ସେକ ସମସୁଦ୍ଦିନ,ସରୋଜ ସେଠୀ, ସେକ ଜୁଲୋ ପ୍ରମୁଖ ପୀରବାବାଙ୍କୁ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିଛନ୍ତି ।

## ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ୧୬ ଦିନିଆ ଅଦ୍ୱିକା କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡ(ପି.ଏନ୍) :** ଗଜପତି ଜିଲ୍ଲାର କାଶୀନଗର ଠାରେ ଥିବା ସାମାନ୍ବିତ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ୧୬ ଦିନିଆ ଅଦ୍ୱିକା କାର୍ଯ୍ୟକ୍ରମ ଚାଲୁ ରହିଛି । ଏହି ଅଦ୍ୱିକା କାର୍ଯ୍ୟକ୍ରମ ର ମୁଖ୍ୟ ଲକ୍ଷ ହେଲା ସମସ୍ତ ଛାତ୍ରୀ ବା ବାଳିକା ଅଦ୍ୱିତୀୟ ବା ଅନନ୍ୟା ଭାବେ ପରିଚିତ କରାଇ ସେମାନଙ୍କୁ ଭବିଷ୍ୟତ ରେ କୌଣସି ପ୍ରକାର ଅବହେଳା ର ଶିକାର ନ ହୁଅନ୍ତୁ ବୋଲି ସ୍ଥାନୀୟ ସି ଡି ପି ଓ କନକ ଲତା ପୂଜାରୀ ମତ ବ୍ୟକ୍ତ କରି ଏମାନଙ୍କୁ ସେଥିପାଇଁ ସେମାନଙ୍କ ଦକ୍ଷତା ବିକାଶ ସକାଶେ ବିଭିନ୍ନ ପ୍ରକାର ତାଲିମ ଦେଇ ଆତ୍ମନିର୍ଭରଶିଳ କରାଇବାକୁ ରାଜ୍ୟ ସରକାର ଙ୍କ ଦ୍ୱରା ଏକ ପ୍ରୟାସ ଜାରି ରହିଛି ବୋଲି ମଧ କହିଥିଲେ ।

# ବ୍ୟବସାୟୀଙ୍କ ଠାରୁ ସାଇବର ଠକେଇ : ୧ ଲକ୍ଷ ଟଙ୍କା ଲୁଟିନେଲେ



**ପାରଳାଖେମୁଣ୍ଡି(ପି.ଏନ୍) :** ଗଜପତି ଜିଲ୍ଲାର ହାଡୁଭାଙ୍ଗି ଗ୍ରାମର ଜଣେ ବ୍ୟବସାୟୀଙ୍କ ଠାରୁ ଜଣେ ସାଇବର ଠକ ୧ ଲକ୍ଷ ଟଙ୍କା ଲୁଟି ନେଇଥିବା ଜଣାଯାଇଛି. ଘଟଣାରୁ ପ୍ରକାଶ ଯେ, କାଶୀନଗର ଥାନା ଅନ୍ତର୍ଗତ ହାଡୁଭାଙ୍ଗି ଗ୍ରାମର ଜନୈକ ସିମେଣ୍ଟ ବ୍ୟବସୟୀ ଅତାକୁଲ୍ଲା କବିତା, ସ୍ୱାମୀ ପେଡିଟି ବୈକୁଣ୍ଠଙ୍କ ଠାରୁ ସାଇବର ଠକ ଏକ ଲକ୍ଷ ଟଙ୍କା ଠକି ନେଇଥିବା ସୂଚନା ହସ୍ତଗତ ହୋଇଛି. ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡା ସମ୍ପୃକ୍ତ ସିମେଣ୍ଟ ବ୍ୟବସୟୀ ଓ ଥାନା ଅଧିକାରୀଙ୍କ ସଙ୍ଗେ ଯୋଗାଯୋଗ କରିବାରୁ ସେମାନେ କହିଲେ ଯେ, ଏହି ମାସ ୨୪ ତାରିଖ ଦିନ ଏଗାର ଘଣ୍ଟା ସମୟରେ ତାଙ୍କ ସ୍ୱାମୀଙ୍କ ଫୋନ ନଂ କୁ କାମଳ ସାହୁ ନାମକ ବ୍ୟକ୍ତି ପଚାଶ ବସ୍ତା ସିମେଣ୍ଟର ଆବଶ୍ୟକ ଥିବା କାଲ କରି ହାଡୁଭାଙ୍ଗି ରେଳ ଷ୍ଟେସନକୁ ପଠାଇବାକୁ କହିଥିଲା. କବିତା ଓ ତାଙ୍କ ସ୍ୱାମୀ ସିମେଣ୍ଟ ପଠାଇବା ବ୍ୟବସ୍ଥା କରୁଥିବା ସମୟରେ ସେହି ଅଦୃଶ୍ୟ ବ୍ୟକ୍ତି ଆଉ ଥରେ ଫୋନ କରି କେତେ ଟଙ୍କା ହୋଇଛି ବୋଲି ବୁଝି ପ୍ରଥମେ ତୁମେ ଫୋନ ପେ ଦ୍ୱାରା ଏକ ଟଙ୍କା ପଠାଇବା ପରେ ତୁମକୁ ଟଙ୍କା ଦେବି ବୋଲି କହିଥିଲେ. ଏମାନେ ଏକ ଟଙ୍କା ପଠାଇବା ପାଇଁ ଏକ ସ୍କାନର ଓ ଓଟିପି ଆସିବ ଓ ତୁମେ ସ୍କନର ଜରିଆରେ ଏକ ଟଙ୍କା ପଠାଇବା ପରେ ଓଟିପି ନଂ ମୋତେ କହିବ ବୋଲି ସେ କହି ଥିଲା. କବିତା ଓ ତାଙ୍କ ସ୍ୱାମୀ ସେହି ଠକ କଥାକୁ ବିଶ୍ୱାସ କରି ସେମାନେ ସବୁ କହିବା କ୍ଷଣି ତାଙ୍କ ଏନକାଉଣ୍ଟରୁ ତିନି ଥରରେ ଏକ ଲକ୍ଷ ଟଙ୍କା କଟି ଯାଇଥିଲା । ସେହି ଟଙ୍କା ପାରଳାଖେମୁଣ୍ଡି ସ୍ଥିତ ଏସ ବି ଆଇ ବଜାର ଶାଖା କୋମଳ ସାହୁଙ୍କ ଏନକାଉଣ୍ଟକୁ ଯାଇଛି ବୋଲି କହି କାଶୀନଗର ଥାନା ରେ ଏକ ମାମଲା ରୁଜୁ କରିଛନ୍ତି । ସ୍ଥାନୀୟ ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ କେସ ନଂ ୧୫/୨୪ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି ।

# ଉପଖଣ୍ଡ ଯୁବ ପତ୍ରକାର ସଙ୍ଘ ପକ୍ଷରୁ ରକ୍ତ ଦାନ



**ପାଟଣାଗଡ(ପି.ଏନ୍) :** ଉପଖଣ୍ଡ ଯୁବ ପତ୍ରକାର ସଂଘ ତରଫରୁ ରବିବାର ଉପଖଣ୍ଡ ଚିକିତ୍ସାଳୟ ରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିବା ସହ ତିନି ଜଣ ଚିକିତ୍ସିତ ହେଉଥିବା ରୋଗୀ ରକ୍ତଦାନ କଲେ ସାମ୍ବାଦିକ ସଂଘ ର ସଭାପତି କରୁଣା କର ବୁଢ଼େକ ଙ୍କ ନେତୃତ୍ୱ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ପ୍ରଥମେ ଡାକ୍ତରଖାନର ଦାୟୀତ୍ୱ ରେ ଥିବା ଚିକିତ୍ସାଧିକାରୀ ସୁବ୍ରତ ମେହେର ଙ୍କ ସହ ନର୍ସ , କର୍ମଚାରି ମାନଙ୍କୁ ନେଇ ସଂଘ ର ଏକ ଲୋଗୋ ଶୁଭ ଉନ୍ମୋଚନ କରାଯାଇ ଥିଲା, ପରେ ସଦସ୍ୟ ମାନେ ଡାକ୍ତର ଖାନା ରେ ଚିକିତ୍ସାହେଉଥିବା ସମସ୍ତ ୱାର୍ଡ ର ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିବା ବେଳେ କୁଶାବାହାଲି ,ଦଳଦଳୀ ଡାଙ୍ଗବାହାଲ ଗାଁର ଚିକିତ୍ସିତ ହେଉଥିବା ତିନିଜଣ ରୋଗୀ ଙ୍କୁ ରକ୍ତ ଆବଶ୍ୟକ ହେତୁ ସଂଘ ତିନି ଜଣ ସଦସ୍ୟ ତଥା ସାମ୍ବାଦିକ ଚନ୍ଦ୍ରଶେଖର ବରିହା, ଶେଷଦେବ ସିଂ ନାଏକ, ରଘୁ ରଣା ରକ୍ତଦାନ କରିଥିଲେ । ସାମ୍ବାଦିକ ମାନଙ୍କ ଏପରି ମହତ କାମ କୁ ଡାକ୍ତର ଶ୍ରୀ ମେହେର ପ୍ରଶଂସା କରିଥିଲେ । ଏଥିରେ ସଂଘ ର ଉପସଭାପତି ଗୋରେଖ ନାଥ ବରିହା, ସଂପାଦକ ବିମଳ କୁମାର ବାଗ,ଉପଦେଷ୍ଟା ଜଗଦୀଶ ଭୋଇ ,ସହ ସଂପାଦକ ଗୁଣନିଧି ପୁଟେଲ , ପ୍ରଦୀପ କୁମାର ପୁରୋହିତ ,ଲଳିତ ମଲ୍ଲିକ, ଚନ୍ଦ୍ରଶେଖର ବରିହା, ଶେଷଦେବ ସିଂ ନାଏକ,ପିତରାଜ ଧରୁଆ,ଅଭିମନ୍ୟୁ ବାଗ, ରଘୁନାଥ ରଣା, ଘନ ବରିହା, ଦୁର୍ଯ୍ୟୋଧନ ବର୍ଗେ ପ୍ରମୁଖ ଉପସ୍ଥିତ କରିଥିଲେ ।

# ବିଜେଡିର ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରଶିକ୍ଷଣ ଶିବିର



**ଧାମନଗର(ପି.ଏନ୍) :** ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଅଧିନ ଡିଗୀ ପାର୍କଠାରେ ନିର୍ବାଚନ ମଣ୍ଡଳୀସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଜେଡି ଆଇ ଟି ସେଲର ରାଜ୍ୟ ସଂଯୋଜକ ଓମ ପ୍ରକାଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକ ଓ ଶିବିରକୁ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ବ୍ୟୋମକେଶ ରାୟ ଉଦଘାଟନ କରିଥିବା ବେଳେ କାର୍ଯ୍ୟକ୍ରମରେ ଭଦ୍ରକ ମଞ୍ଜୁଲତା ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଯୁବ କର୍ମୀ ଓ ଆଇଟି ସେଲର କର୍ମକର୍ତ୍ତା ମାନଙ୍କୁ ଆଭାଷୀ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ଆମ ଓଡିଶା ନବୀନ ଓଡିଶା ଜିଲ୍ଲା ସଂଯୋଜକ ତଥା ଡାକ୍ତର ସଞ୍ଜୟ କୁମାର ଦାସ,ଡା.ସୁବାଷ ଚନ୍ଦ୍ର ନାୟକ,ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁତ ଲତା ନାୟକ,ଜିଲ୍ଲା ଯୁବ ବିଜେଡି ସଭାପତି ମୁକୁନ୍ଦ ଦେବ ସାମଲ,ବିଜେଡି ନିର୍ବାଚନ ମଣ୍ଡଳୀ ସ୍ତରୀୟ ସଭାପତି ସୁଧନା ନାୟକ,ତିହିଡି ବ୍ଲକ ଅଧକ୍ଷା ଅବନ୍ତୀ ଦାସ,ଧାମନଗର ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ଅଶୋକ କୁମାର ନାୟକ,ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଟୁନିବାଳା ବିଶ୍ୱାଳ,ବ୍ଲକ ବିଜେଡି ସଭାପତି ଉମେଶ ମହାନ୍ତି, ଏନ୍ ଏ ସି ମହିଳା ବିଜେଡି ସଭାନେତ୍ରୀ ନିବେଦିତା ଜେନା, ନଗର ସଭାପତି ସୁଶାନ୍ତ ରାଉତ, ବ୍ଲକ ଯୁବ ବିଜେଡି ସଭାପତି ଭାରତ ବିଜୟ ଦଳେଇ,ବ୍ଲକ ଆଇଟି ସେଲ ସଂଯୋଜକ ଜ୍ୟୋତି ପ୍ରକାଶ ସାମଲ,ନଗର ଯୁବ ସଭାପତି ସେକ ସୈଫୁଦ୍ଦିନ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଜନହିତକାରୀ ଯୋଜନା ପ୍ରତ୍ୟେକଙ୍କ ନିକଟରେ ପହଞ୍ଚାଇବା ପାଇଁ ଗୁରୁତ୍ୱାରୋପ କରିଥିଲେ ।

# ମା'ବିରଜାଙ୍କ ସ୍ୱନକ୍ଷତ୍ର ପାଇଁ ପ୍ରସ୍ତୁତି ବୈଠକ

**ଯାଜପୁର(ପି.ଏନ୍) :** ଶ୍ରୀ ବିରଜା ସେବା ସମିତିର ମା'ବିରଜାଙ୍କ ସ୍ୱନକ୍ଷତ୍ର ପାଇଁ ମାସିକ ବୈଠକ ସଭାପତି ଶ୍ରୀ ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ମା'ବିରଜାଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଗତ ବୈଠକର ବିବରଣୀ ପାଠ କରିଥିଲେ । ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ମା'ଙ୍କର ସ୍ୱନକ୍ଷତ୍ରା ଆସନ୍ତା ଫେବୃୟାରୀ ୯ ତାରିଖ ଶୁକ୍ରବାର ପଡୁଥିବାରୁ ଆମ ସେବା ସମିତିର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଲେ । ପ୍ରତିବର୍ଷପରି ଯାଜପୁର ପୌରପାଳିକା ଓ ତାହାର ନିକଟବର୍ତ୍ତି ଉଚ୍ଚ ବିଦ୍ୟାଳୟ ମାନଙ୍କର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ "ବିରଜା ଚେତନାରେ ଯାଜପୁର" ଶୀର୍ଷକ ପ୍ରବନ୍ଧ ଉପରେ ଏକ ରଚନା ପ୍ରତିଯୋଗିତା ବିରଜା ହାଇସ୍କୁଲ ପରିସରରେ ଥିବା ପୂର୍ଣ୍ଣାନନ୍ଦ ମିଶ୍ର ପାଠାଗାରରେ ତା ୦୩/୦୨/୨୦୨୪ ଶନିବାର ଦିବା ୧୧ ଘଟିକାରେ ହେବ । ପ୍ରତିଯୋଗୀମାନେ ସେଠାରେ ପହଞ୍ଚି ସେଠାରେ ଉପସ୍ଥିତ ଥିବା ସଭାପତି ଶ୍ରୀ ମିଶ୍ର ଓ ସମ୍ପାଦକ ଶ୍ରୀ ପାଠୀଙ୍କୁ ନିଜ ବିଦ୍ୟାଳୟରୁ ଆଣିଥିବା ଚିଠି ସହ ସାକ୍ଷାତ କରିବେ । ମା'ଙ୍କ ସ୍ୱନକ୍ଷତ୍ର ଉତ୍ସବ ତା ୦୯/୦୩/୨୦୨୪ ଦିବା ୩ ଘଟିକା ସମୟରେ ମନ୍ଦିର ପରିସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ । ମା'ବିରଜା ଓ ବିରଜା କ୍ଷେତ୍ର ସମ୍ପର୍କରେ ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଣେ ଭକ୍ତଙ୍କୁ ସେହି ଦିନ ସମ୍ବର୍ଦ୍ଧିତ କରାଯିବ । ଏ ବର୍ଷ ଯାଜପୁରର ଗୌରମ ସଂସ୍କୃତବିତ୍ ପଣ୍ଡିତ ଡଃ ଜ୍ଞାନରଂଜନ ପତିଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ସଭାରେ ନିଷ୍ପତ୍ତି ହେଲା । ପ୍ରତିବର୍ଷ ପରି ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ଗୋପିନାଥ କୁଅଁରଙ୍କୁ ଉତ୍ସବରେ ପୌରହିତ୍ୟ କରିବାକୁ ଅନୁରୋଧ କରାଯିବ । ସମସ୍ତ ଭକ୍ତ ଓ ସଭ୍ୟ ବହୁସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି । ଉକ୍ତ ଆଲୋଚନାରେ ସଭ୍ୟ ମଧୁସୂଦନ ମହାନ୍ତି, ଗଦାଧର ରାଉତ, କୋଷାଧକ୍ଷ ହରିହର ବେହେରା, ହିସାବ ନିରୀକ୍ଷକ ରମେଶ ଚନ୍ଦ୍ର ରାଉତ,ପ୍ରମୋଦ କୁମାର ନାୟକ ଓ ସମ୍ବାଦିକ ବିରଜା ପ୍ରସାଦ ପାଣି ଓ ଦେବୀ ପ୍ରସଦ ପାଣି ଅଂଶ ଗ୍ରହଣ କରିଥିଲେ ।

# ସ୍ୱର୍ଗୀୟ ଚୈତନ୍ୟ ପ୍ରସାଦ ମାଝୀଙ୍କର ଶ୍ରାଦ୍ଧ ଦିବସ ପାଳିତ



**ବାରିପଦା(ପି.ଏନ୍) :** ଆଜି ସ୍ଥାନୀୟ ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନଠାରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ, ରାଜ୍ୟ ସରକାରଙ୍କର ପୂର୍ବତନ ଶିକ୍ଷା, ଅନୁସୂଚୀତ ଜାତି, ଜନଜାତି ବିଭାଗର କ୍ୟାବିନେଟ ମନ୍ତ୍ରୀ ସ୍ୱର୍ଗୀୟ ଚୈତନ୍ୟ ପ୍ରସାଦ ମାଝୀଙ୍କର ୫ମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ସ୍ମୃତି ସଭାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ନେତୃମଣ୍ଡଳୀମାନେ ଉପସ୍ଥିତ ରହି ଏହି ଅମ୍ଳାନ ଆତ୍ମା ସ୍ୱର୍ଗୀୟ ମାଝୀଙ୍କର ସ୍ମୃତିଚାରଣ କରିଥିଲେ । ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ପୌରହିତ୍ୟରେ ସ୍ମୃତିସଭା ଆରମ୍ଭ ହୋଇଥିଲା । ପ୍ରଥମେ ମାନ୍ୟବର ମନ୍ତ୍ରୀ ସୁଦାମ ମାରାଣ୍ଡି, ବିଜୁ ଜନତା ଦଳ ଜିଲ୍ଲା ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା, ବାରିପଦା ପୌରପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଅନୁସୂଚୀତ ଜାତି, ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ଉପଦେଷ୍ଟା ତଥା ପୂର୍ବତନ ରାଜ୍ୟସଭା ସାଂସଦ, ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ଶ୍ରୀନାଥ ସରେନ, ରାଜ୍ୟ କୃଷି ଶିଳ୍ପ ନିଗମର ଅଧକ୍ଷ ଦେବାଶିଷ ମହାନ୍ତି, ମୟୂରଭ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି, ବାରିପଦା ନିର୍ବାଚନ ମଣ୍ଡଳୀର ସଂଯୋଜକ ପ୍ରଭାତ ନାୟକ, ମୟୂରଭଞ୍ଜ ବିଜୁ ମହିଳା ଜନତା ଦଳର ସଭାପତି ଦୀପ୍ତିଲତା ମିଶ୍ର, ବାରିପଦା ପୌରପରିଷଦର ଉପ-ନଗରପାଳ ସୀମା ଦାସ, ରାଜ୍ୟ ଖୋଦୀ ବୋର୍ଡ ସଦସ୍ୟ ସରୋଜ କୁମାର ବୋଷ, ବରିଷ୍ଠ ଆଇନଜୀବି କୃଷ୍ଣ ଦାସ, ବିଶିଷ୍ଟ ସମବାୟବିତ୍ ଦେବୀଦତ୍ତ ଦାସ, ମହିଳା ନେତ୍ରୀ ସନ୍ଧ୍ୟାରାଣୀ ଦାସ, ସବିତା ବେହେରା, ଶ୍ରାବଣୀ ଦାସ, ସତ୍ୟପ୍ରକାଶ ଦାସ, ରାଜ୍ୟ ମୁଣ୍ଡା ସମାଜର ସଭାପତି ରବୀନ୍ଦ୍ର ସିଂ ପ୍ରମୁଖ ସ୍ୱର୍ଗୀୟ ମାଝୀ ଶିକ୍ଷା ମନ୍ତ୍ରୀ ଥିବା ସମୟରେ ରାଜ୍ୟ ତଥା ଜିଲ୍ଲାରେ ଶିକ୍ଷାର ବିକାଶର ମୂଳ ଦୂଆ ସ୍ଥାନ ହୋଇଥିଲା ଏବଂ ସେହି ପରିପ୍ରେକ୍ଷୀରେ ଆଜି ବହୁ ଲୋକ ଜୀବନ ଜୀବିକା ନିର୍ବାହ କରିପାରୁଛନ୍ତି ବୋଲି ସ୍ମୃତି ଚାରଣରେ ନିଜ ନିଜର ମତ ବ୍ୟକ୍ତ କରିଥିଲେ ।

## ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

**ଭୁବନେଶ୍ୱର(ପି.ଏନ୍) :** ଜାନୁଆରୀ ୧୬ ରୁ ଡିଭିଜନ ସ୍ତରରେ ଓ ଜାନୁଆରୀ ୨୪ରେ ଜିଲ୍ଲାସ୍ତରରେ ପାଣି ପଂଚାୟତ ପକ୍ଷ ପାଳନ ହେବା ପରେ ଆସନ୍ତା କାଲି ଜାନୁଆରୀ ୩୦ ତାରିଖରେ ପାଣି ପଂଚାୟତ ପକ୍ଷ ପାଳନର ୩ ୟ ପର୍ଯ୍ୟାୟରେ ରାଜ୍ୟସ୍ତରୀୟ ସମାରୋହ ଅନୁଷ୍ଠିତ ହେବ । ଏଥିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ତଥା ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବୃହତ, ମଧ୍ୟମ,କ୍ଷୁଦ୍ର ଜଳ ସେଚନ, ମେଗା ଲିଫ୍ଟ ଓ ଉଠା ଜଳସେଚନ ପ୍ରକଳ୍ପ ଆଦିର ସେଚାଂଚଳରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ରାଜ୍ୟର ୫୦ ଟି ଶ୍ରେଷ୍ଠ ପାଣି ପଂଚାୟତ,ଓଡ଼ିଶା ସମନ୍ୱିତ ସହନଶୀଳ ଜଳସେଚନ ପ୍ରକଳ୍ପ ପାଣ୍ଠି ବିନିଯୋଗରେ ଭଲ କାର୍ଯ୍ୟ କରିଥିବା ୧୦ ଟି ଶ୍ରେଷ୍ଠ ପାଣି ପଂଚାୟତ. ୩୦ ଜଣ ସଫଳ ଚାଷୀ, ପାଣି ପଂଚାୟତ ପକ୍ଷ ପାଳନ ପରିପ୍ରେକ୍ଷୀରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀ ଓ ଏ କ୍ଷେତ୍ରରେ ଭଲ କାମ କରିଥିବା ଅଧିକାରୀମାନଙ୍କୁ ପୁରସ୍କୃତ କରାଯିବ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ସହିତ ପାଣି ପଂଚାୟତ ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ପ୍ରଦର୍ଶନୀ, 'ସେଚ ସହଭାଗିତା ୨.୦' ଶୀର୍ଷକ କଫି ଟେବୁଲ ପୁସ୍ତକ ମଧ ଉନ୍ମୋଚନ କରାଯିବ ।

# ମହା ବନ୍ଧୁ ମିଳନରେ ବାଣୀ କଲ୍ୟାଣଙ୍କ ଶକ୍ତି ପ୍ରଦଶନ

**ବାସୁଦେବପୁର(ପି.ଏନ୍) :** ସ୍ଥାନୀୟ ବ୍ରାହ୍ମଣ ଗାଁ ଠାରେ ବାଣୀ କଲ୍ୟାଣ ମହାନ୍ତି ଯିଏ କି କିଛି ଦିନ ତଳେ ବିଜେଡ଼ି ରୁ ନିଲମ୍ବିତ ହୋଇଥିଲେ, ଆଜି ସେ ତାଙ୍କର ହଜାର ହଜାର ସମର୍ଥକ ମାନଙ୍କୁ ନେଇ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ କରିଛନ୍ତି । ଆଗାମୀ ସାଧାରଣ ନିର୍ବାଚନ କିଛି ମାସ ବାକି ଥିବା ବେଳେ ବାଣୀ କଲ୍ୟାଣ ଙ୍କ ଏହି ବନ୍ଧୁ ମିଳନ କଣ ପ୍ରଭାବ ପକାଇବ ତାହା ସାଧାରଣ ରେ ଚର୍ଚ୍ଚା ଜୋର୍ ଧରିଛି । କେହି କେହି ବାଣୀ ଆଜି ବି ମୁଖ୍ୟ ମନ୍ତ୍ରୀ ନବୀନ ବାବୁ ଓ ବିଜୁ ବାବୁ ଙ୍କ ଫଟୋ ରଖି ତାଙ୍କର କାର୍ଯ୍ୟ କର୍ମ କରୁଛନ୍ତି ଏଣୁ ସେ ଏବେ ବି ନବୀନ ପଟ୍ଟନାୟକ ଙ୍କ ଉପରେ ପୁରା ଭରଷା ରେ ରହିଛନ୍ତି ବୋଲି କହିଛନ୍ତି,, ଅନ୍ୟ କେହି କହିଲେଣି ବିଜେଡ଼ି ଅସନ୍ତୁଷ୍ଟ ଭୋଟ କୁ ଏକତ୍ରିତ କରିବାର ବାଣୀ ସମର୍ଥ ହୋଇ ପାରିଛନ୍ତି । ତେବେ ଆଗକୁ କଣ ରହିବ ପ୍ରଭାବ, କଣ ରହିବ ବାଣୀ ଙ୍କ ନିର୍ବାଚନ ଗତି ତାହା ଦେଖିବାକୁ ବାକି ରହିଲା । ଆଜି ର କାର୍ଯ୍ୟ କର୍ମ ରେ ହଜାର ହଜାର ସମର୍ଥକ ମାନଙ୍କୁ ନେଇ ଲିଙ୍କନ ଦଳାଇ, ପ୍ରଭୁ ଦତ୍ତ ଦାସ, କାଳନ୍ଦୀ ନାୟକ, ରାଧା ଗୋବିନ୍ଦ ପଟ୍ଟନାୟକ, ଚିନ୍ତାମଣି ବଳ, ବଂଶୀ ଧର ବିଶ୍ୱାଳ, ଗୁରୁ ପ୍ରସାଦ ମହାନ୍ତି, ରାଜା କୁମାର ନାୟକ ଙ୍କ ସହ ବହୁ ସମର୍ଥକ ମାନେ ଉପସ୍ଥିତ ରହି ସଫଳ କରାଇ ଥିଲେ । ବାସୁଦେବପୁର ବାସୀ ଙ୍କ ଆସ୍ଥା ଭୋଜନ କେବଳ ବାଣୀ କଲ୍ୟାଣ ହିଁ କରି ପାରିବେ ଏବଂ ସମସ୍ତ ବାସୁଦେବପୁର ବାସୀ ଙ୍କ ର ପ୍ରିୟ ବାଣୀ କଲ୍ୟାଣ ହୋଇ ସାରିଲେଣି ବୋଲି ବାଣୀ କଲ୍ୟାଣ ଙ୍କ ଦୃଢ଼ ସମର୍ଥକ ମାନେ କହିଛନ୍ତି । ଦେଖିବାକୁ ବାକି ରହିଲା ନିର୍ବାଚନ ମଇଦାନ ରେ କଣ ଘଟଣା ଘଟୁଛି ।






## ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ : ଆଗତ ହେଲା ୮୧ ଅଭିଯୋଗ

**ଧାମନଗର(ପି.ଏନ) :** ଧାମନଗର ପଞ୍ଚାୟତ ସମିତି ସେଣ୍ଟ୍ରାଲ ସଭାଗୃହ ପରିସରରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ମିଳିତ ଜନଶୁଣାଣି ସୋମବାର ପୂର୍ବାହ୍ନ ୧୦ଟା ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜନସାଧାରଣ ପକ୍ଷରୁ ମୋଟ ୧୪୫ଟା ବିଭିନ୍ନ ପ୍ରକାରର ଆପତ୍ତି ଅଭିଯୋଗ ଆଗତ ହୋଇଥିଲା। ସେଥି ମଧ୍ୟରେ ୧୩୫ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଓ ୧୦ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ଟୁନିବାଳା ବିଶ୍ୱାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଭଦ୍ରକ,ଏନ୍ ଏ ସି ଅଧ୍ୟକ୍ଷା ନିବେଦୀତା ଜେନା,ଭଦ୍ରକ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁ ପଲ୍ଲୀ,ଉପଜିଲ୍ଲାପାଳ ମନୋଜ କୁମାର ପାତ୍ର,ଜିଲ୍ଲା ପରିଷଦ ସହକାରୀ ଉନ୍ନୟନ ଅଧିକାରୀ କୌଶଳ ନାୟକ,ଅତିରିକ୍ତ



ଯୋଗାଣ ଅଧିକାରୀ ଶରତ ଚନ୍ଦ୍ର ବେହେରା। ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ,ପି ଏଚ ଡି ଏସ ଡି ଓ ମଧୁସୂଦନ ସିଂହ,(ବି ଏସ ଇ ଡି) ନିର୍ବାହୀ ଯନ୍ତ୍ରୀ ମନସ୍ୱିନୀ ସାହୁ ବିଦ୍ୟୁତ ବିଭାଗ ଭଦ୍ରକ,ଧାମନଗର କନିଷ୍ଠ ଯନ୍ତ୍ରୀ ସ୍ୱାସତ କୁମାର ନନ୍ଦୀ,ବିଡିଓ ବନବିହାରି ଦିନ୍ଦା,ତହସିଲଦାର ଦୀପକ କୁମାର ଦାସ,ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ,ଯୋଗାଣ ଅଧିକାରୀଣି ଅନିବସନ୍ତି ସାହୁ,ଏନଏସି ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି,ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ତଥା ଏସ ଡି ଓ ବିଜୟ କୁମାର ସେଠୀ,ଫରେଷ୍ଟର,ବ୍ଲକ ମୁଖ୍ୟ କିରାଣୀ ପୂର୍ଣ୍ଣଚନ୍ଦ୍ର ପୁହାଣ,କୋଷାଧ୍ୟକ୍ଷ ଶାହା ନଜରୁଲ ରହେମାନଙ୍କ ସମେତ ବହୁ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୋମ୍ୟାଜିତ ବେହେରା,ଏବିଓ ବିଜୟ ଲକ୍ଷ୍ମୀ ଦାସ,ଆର ଡି ଜେଇ ମହାପାତ୍ର,ବିପିସି ପ୍ରଶାନ୍ତ କୁମାର ବାରିକ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ନମିଳିବା,ଭତ୍ତା ନପାଇବା,ସରକାରୀ ଜାଗା ଅବରୋଧ କରାଯାଇଥିବା,ଧାମନଗର ଏନ୍.ଏ.ସି.ଅଞ୍ଚଳରେ ରାସ୍ତାରେ ବିଜୁଳି ଆଲୁଅ ଅନବରତ ୨୪ ଘଣ୍ଟା ଜଳିବା, ଆରଡ଼ି ଛକରୁ ଶହିଦନଗର ଛକ ଓ ଧାମନଗରୁ ଫଳପୁର ପର୍ଯ୍ୟନ୍ତ ଦୟନୀୟ ରାସ୍ତାର ମରାମତି,ନୂଆ ରାସନ କାର୍ଡ଼ ସହିତ ବିଭିନ୍ନ ବିଷୟ ଉପରେ ଅଭିଯୋଗମାନ ଆଗତ କରଯାଇଥିଲା। ଏହି ଶିବିରରେ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରି ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ଜିଲ୍ଲାପାଳ ଶୁଣାଣି କରି ପଦକ୍ଷେପ ନେବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଏସ୍ ଆଇ କୈଳାସ ପଡ଼ିଡାଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା।

## ପାନୀୟଜଳ ଯୋଗାଣ ନେଇ ଗୁରୁତ୍ୱ ଆରୋପ

**ପାରଳାଖେମଣ୍ଡି(ପି.ଏନ) :** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଅଜୟଗଡ଼ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ. କୁମାର ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଅଜୟଗଡ ସମେତ ଭୁବାନି, ସେରଙ୍ଗୋ ଓ ନମନଗଡ ପଞ୍ଚାୟତର ସମୁଦାୟ ମୋଟ- ୩୯ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା-୧୦ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୨୯ ଗୋଟି ଓ ୧ ଗୋଟି ଅଭିଯୋଗକୁ ତୁରନ୍ତ ଫୈସଲା କରାଯାଇ ସମାଧାନ କରାଯାଇଛି ଏବଂ ମୁଖ୍ୟ ମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଜଣଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ ପ୍ରଦାନ କରାଯାଇଥିବା ବେଳେ ୧୬୦ ଜଣଙ୍କୁ ଜଙ୍ଗଲ



ଜମି ପଠା ଦିଆଯାଇଛି ।ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା, ମୋ ଘର ଯୋଜନା, ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ସୁନେମୀ ମଣ୍ଡଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଶରତ କୁମାର ପାତ୍ର,ତହସିଲଦାର ଶ୍ରୀ ଜୟଦ୍ରତ ଆଚାର୍ଯ୍ୟ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରାଦ୍ଧବାର୍ଷିକ ପାଳିତ

**ପାରାଦ୍ୱୀପ/କୁଜଙ୍ଗ(ପି.ଏନ) :** କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ଗ୍ରାମର ବଟ ମହାପୁରୁଷଙ୍କ ମଠ ଠାରେ ନାରାୟଣ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟ ଆବାହକତ୍ୱରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟିକା, ନାରୀନେତ୍ରୀ ସ୍ୱର୍ଗୀୟା ରତ୍ନମାଳୀ ଜେମାଙ୍କ ଦଶମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି । ଟ୍ରଷ୍ଟର ଅଧ୍ୟକ୍ଷ ସୁଶାନ୍ତ ଶେଖର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପାଳିତ ସ୍ମୃତିସଭାରେ ରତ୍ନମାଳୀ ଜେମାଙ୍କ ଆତ୍ମଜୀବନୀ ଉପରେ ବକ୍ତାମାନେ ବକ୍ତବ୍ୟ ରଖି ୧୯୬୨ ମସିହା ଜାନୁୟାରୀ ୨ ତାରିଖ ମଙ୍ଗଳବାର ଦିନ କୁଜଙ୍ଗ ସ୍ଥିତ ବି.ବି. ହାଇସ୍କୁଲ ପଡିଆରେ ଅନୁଷ୍ଠିତ ସାଧାରଣ ସଭାରେ ଭାରତର ତତକାଳୀନ ପ୍ରଧାନମନ୍ତ୍ରୀ ଅଞ୍ଚଳବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି କେତେ ମାତ୍ରାରେ କାର୍ଯ୍ୟକାରୀ ହୋଇଛି ବୋଲି ସ୍ମୃତିସଭାରେ ଆଲୋଚ୍ୟ ପ୍ରସଙ୍ଗ ହୋଇଥିଲା । ରତ୍ନମାଳି ଜେମା ସେ ସମୟର ବିଧାୟିକା ଭାବେ ଅଞ୍ଚଳବାସୀଙ୍କ ସମାସ୍ୟା ବିଷୟରେ ସଭାରେ ଭାଷଣ ଦେଇ, ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର ପରବର୍ତ୍ତୀ ପିଢ଼ି ରାଜନୈତିକ ନେତୃତ୍ୱମାନେ ସାମାନ୍ୟ କିଛି ଅର୍ଥ ଲାଳସାରେ ଏକ ବୃହତ୍ତର ସ୍ୱାର୍ଥ ସମ୍ବଳିତ ପାରାଦ୍ୱୀପ ବନ୍ଦରକୁ ପୂର୍ଣ୍ଣାଙ୍ଗ କରିବାପାଇଁ ପଦକ୍ଷେପ ନେବାରେ ଅବହେଳା କଲେ କ୍ଷ ଯାହାକି ରତ୍ନମାଳୀ ଜେମାଙ୍କ ସ୍ୱପ୍ନକୁ ଧୂଳିସାତ କରିଦେଇଛି । ପାରାଦ୍ୱୀପ ବନ୍ଦରକୁ ଏକ ପୂର୍ଣ୍ଣାଙ୍ଗ ବୃହତ ପାରାଦ୍ୱୀପ ବନ୍ଦର ଅଞ୍ଚଳବାସୀଙ୍କ ସ୍ୱପ୍ନ ସହିତ ଜେମା, ସାମନ୍ତଙ୍କ ସ୍ୱପ୍ନକୁ ସାକାର କରିବାପାଇଁ ଚାରିଟେବୁଲ ଟ୍ରଷ୍ଟ ସମ୍ପୂର୍ଣ୍ଣ ପ୍ରୟାସ କରିବାପାଇଁ କର୍ମକର୍ତ୍ତା ଓ ସଭ୍ୟ ସଭ୍ୟାମାନେ ଶପଥ ନେଇଥିଲେ ।

## ଧାମନଗର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଧାମନଗର(ପି.ଏନ) :** ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବିଜୁ ପଟ୍ଟନାୟକ ମିନୀ ଷ୍ଟାଡିଅମ ପରିସରରେ ଧାମନଗର ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଆସନ୍ତା ୩୧/୦୧/ଠାରୁ ୦୮/୦୨/୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏହି ପରିପ୍ରେକ୍ଷୀରେ ରାଜ୍ୟ ସ୍ତରୀୟ ମହୋତ୍ସବ କମିଟି ସଭାପତି ତଥା ଉତ୍କଳ ସାମ୍ବାଦିକ ସଙ୍ଘର ଜିଲ୍ଲା ସଭାପତି ବରିଷ୍ଠ ରବିନାରାୟଣ ଖିଲାରଙ୍କ ଆହ୍ୱାନ କ୍ରମେ ସାମ୍ବାଦିକ କୃଷ୍ଣ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଧାମନଗର ଅଞ୍ଚଳର ଗୁଣି,ଜ୍ଞାନୀ, ବୁଦ୍ଧିଜୀବୀ, ସମାଜସେବୀ,



ସାମ୍ବାଦିକ,ଶିକ୍ଷକ,ବରିଷ୍ଠ ନାଗରିକଙ୍କ ସମେତ ବହୁ ସଂଖ୍ୟକ ବ୍ୟକ୍ତି ବିଶେଷ ଯୋଗଦେଇ ୯ଦିନ ଧରି ହେବାକୁ ଥିବା ଉକ୍ତ ମହୋତ୍ସବ କିପରି ଶାନ୍ତି ଶୃଙ୍ଖଳା ରକ୍ଷା ସହ ମହୋତ୍ସବ ଅନୁଷ୍ଠିତ ହେବ ସେନେଇ ବ୍ୟାପକ ଭାବେ ଆଲୋଚନା ସହିତ ସମ୍ପୁର୍ଣ୍ଣ ସହଯୋଗ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଧାମନଗର ଅଞ୍ଚଳର ଅନୀଲ କୁମାର ବାରିକ,ଶଚ୍ଛିକାନ୍ତ ପଣ୍ଡା,ମହେଶ୍ୱର ସ୍ୱାଇଁ, ରାମଚନ୍ଦ୍ର ଜେନା,ଅଭିମନ୍ୟୁ ମଲ୍ଲିକ,ବିଦ୍ୟାଧର ରାଉତ,ସୁଶାନ୍ତ ରାଉତ,ଚିତ୍ତରଞ୍ଜନ ଦାଶ, ଆଇନଜୀବୀ ସ୍ନେହାଶିଷ ପଣ୍ଡା,ଅମରେନ୍ଦ୍ର ମହାନ୍ତି, ହୃଦାନନ୍ଦ କର,ସୁରେନ୍ଦ୍ର ସେଠୀ,ଭାବଗ୍ରାହୀ ଖୁଣ୍ଟିଆ, ମନୋଜ ସିଂ,ମୁନ୍ନା ମୁଲସାଫ୍,ଅନନ୍ତ ଜେନା,ଏମଡି ବାବୁନୁ,ସନ୍ତୋଷ ଦାସ, ସରୋଜ ସେଠୀ,କୁଳମଣି ବେହେରା,ଶ୍ରୀଧର ବେହେରା, ଜଗଦୀଶ ପାତ୍ର,ବିଶ୍ୱରଂଜନ ଘଲେଇ,ଜୟନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଖିଲାର ବାବୁ ଆପଣ ଧାମନଗର ଏତେ ବଡ କାର୍ଯ୍ୟକ୍ରମ ପାଇଁ ଆଗେଇ ନିଷ୍ପତ୍ତି ନେଇଥିବାରୁ ସାଧୁବାଦ ଜଣାଇ ଆମ୍ଭେ ମାନେ ଏହି ମହୋତ୍ସବରେ ସମ୍ପୁର୍ଣ୍ଣ ସହଯୋଗ ରହିବ ବୋଲି ସମସ୍ତେ ନୀରଭୟ ପ୍ରତିଶ୍ରୁତି ଦେଇଥିଲେ।

## ଦଶକର୍ମରେ ଦରିଦ୍ର ବ୍ରାହ୍ମଣ ପରିବାରକୁ ସହାୟତା

**ପାରାଦୀପ(ପି.ଏନ) :** ପାରାଦୀପ ଅଞ୍ଚଳର ଷଣ୍ଡକୁଦ ବସ୍ତିରେ ରହୁଥିବା ଜଣେ ଗରିବ ବ୍ରାହ୍ମଣ ଭାଗିରଥି ମିଶ୍ର (୫୫) ନିଜ ପରିବାର ସହ ଦୀର୍ଘ ଦିନ ଧରି ରହି ଆସୁଥିଲେ । ବାହାଘର ଓ ବିଭିନ୍ନ କାର୍ଯ୍ୟକ୍ରମ ରେ



ରୋଷେଇ କରି ଜୀବନ ନିର୍ବାହ କରିଆସୁଥିଲେ । ତେବେ ଭାଗିରଥି ଙ୍କର ହଠାତ ଅକାଳ ମୃତ୍ୟୁ ଘଟିବାରୁ ତାଙ୍କ ପରିବାର ନିଃସହାୟ ହୋଇପଡ଼ିଥିଲେ । ଏହି ଖବର ପାଇଲାପରେ ଏହି ଅସହାୟ ପରିବାରକୁ ପାରାଦ୍ୱୀପର ଅଗ୍ରଣୀ ସମାଜସେବୀ ଅନୁଷ୍ଠାନ 'ଅସହାୟ କଲ୍ୟାଣ ସମିତି' ର ମୁଖ୍ୟ ଉପଦେଷ୍ଟା ପ୍ରୀତି ରଞ୍ଜନ ମହାପାତ୍ର ଙ୍କ ନେତୃତ୍ୱରେ ସଂଗଠନର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସଦସ୍ୟା ମାନେ ନିଃସହାୟ ପରିବାର ପାଖରେ ପହଞ୍ଚି ସହାୟତା ର ହାତ ବଢ଼ାଇଥିଲେ । ଏହି ପରିବାରକୁ ଅନୁଷ୍ଠାନ ପକ୍ଷରୁ ଭାଗିରଥି ଙ୍କ ଦଶକର୍ମ ପାଇଁ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ସୂଚନାଥାଉକି ଅସହାୟ କଲ୍ୟାଣ ସମିତି ଅଞ୍ଚଳର ବିଭିନ୍ନ ଗରିବ ଅସହାୟ ପରିବାର ମାନଙ୍କୁ ସାହାଯ୍ୟ କରିବା ସହିତ ନିଃସହାୟ ବୃଦ୍ଧ ବୃଦ୍ଧା ମାନଙ୍କୁ ଦୀର୍ଘଦିନ ହେବ ଭତ୍ତା ପ୍ରଦାନ କରିଆସୁଛି ।

## ଶ୍ରୀସତ୍ୟସାଇ ସେବା ସଂଗଠନ ଦ୍ୱାରା ଦିବ୍ୟ ପାଦୁକା ଯାତ୍ରା

**ପାରଳାଖେମୁଣ୍ଡି(ପି.ଏନ) :** ଗଜପତି ଜିଲ୍ଲାର ମୋହନା ଠାରେ ଶ୍ରୀ ସତ୍ୟସାଇ ସେବା ସଂଗଠନ ଦ୍ୱାରା ଭଗବାନ ଶ୍ରୀ ସତ୍ୟ ସାଇଙ୍କ ଦିବ୍ୟ ପାଦୁକା ଯାତ୍ରା ଆୟୋଜନ କରାଯାଇଛି. ସୂଚନାଯୋଗ୍ୟ, ଶ୍ରୀ ସତ୍ୟସାଇ ସେବା, ଓଡିଶା ତରଫରୁ ଗଜପତି ଜିଲ୍ଲା ସତ୍ୟସାଇ ସେବା ସଂଗଠନ ଆନୁକୂଲ୍ୟରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଭଗବାନ ଞଶ୍ରୀ ସତ୍ୟସାଇ ଦିବ୍ୟ ପାଦୁକା ଯାତ୍ରାଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ତହସିଲଦାର ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଦୁକା ଯାତ୍ରା ରଥକୁ ଉଦଘାଟନ କରିଥିଲେ । ସ୍ଥାନୀୟ ହିଲଟପ ମହାବିଦ୍ୟାଳୟ ଠାରୁ ରଥର ଶୁଭାରମ୍ଭ ହୋଇ ସମଗ୍ର ମୋହନା ନଗର ପରିକ୍ରମା ହୋଇଥିଲା । ସହରର ବିଭିନ୍ନ ସ୍ଥାନରେ ଭକ୍ତବୃନ୍ଦ ବାବାଙ୍କ ଚରଣ ସ୍ୱର୍ଶ ପୂର୍ବକ ଆନନ୍ଦରେ ବିଭୋର ହେବାର ଦେଖିବାକୁ ମିଳିଥିଲା। ଏହି ଯାତ୍ରାରେ ପାରଳାଖେମୁଣ୍ଡି ଶ୍ରୀ ସତ୍ୟସାଇ ସେବା ସମିତିର ଶ୍ରୀ ସୁଦର୍ଶନ ମହାରଣା,ଜିଲ୍ଲା ସେବାଦଳ ସଂଯୋଜକ, ଡକ୍ଟର ସୁନାସିର ମିଶ୍ର, ସମିତି ସଂଯୋଜକ ରଥ ସାରଥୀରୂପେ ବଲାଙ୍ଗୀର ଜିଲ୍ଲାର ସୁଜିତ,ବାଲେଶ୍ୱର ଜିଲ୍ଲାର ସଚ୍ଚିଦାନନ୍ଦ ଭାଇ ତଥା ମୋହନା ସେବା ସଂଗଠନ ତରଫରୁ ଅଧାପକ ଭଗବାନ ବିଶୋୟୀ ଏବଂ ଏସ. ରମେଶ,ଭିକାରୀ ଚରଣ ବେହେରା, ଉଦୟ ସାହୁ,ସକାଳ ଅନୁଷ୍ଠାନର ସଂଯୋଜକ ସନ୍ତୋଷ ଗୌଡ଼,ଶ୍ୟାମ ସୁନ୍ଦର ବେହେରା,ଶିବରାମ ବେହେରା, ଦେବାଶିଷ ଦଳାଇ,ୟୁ. ନାରାୟଣ ପାତ୍ର,ସୁବାସ ବର୍ଦ୍ଧନ,ଜଗନ୍ନାଥ ଗୁରୁଜୀ, ଚନ୍ଦନ ପାଣିଗ୍ରାହୀ



ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।ଶେଷରେ ଶିବରାମଙ୍କ ଗୃହରେ ଶ୍ରୀ ସତ୍ୟସାଇଙ୍କୁ ପ୍ରଶାଦ ଅର୍ପଣ ପୂର୍ବକ ଆଳତୀ ସହ ପାଦୁକା ରଥକୁ ବିଦାୟ ଦିଆଯାଇଥିଲା ।

## କେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟ ତରଫରୁ ଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

**କେନ୍ଦୁଝର(ପି.ଏନ) :** କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେଙ୍କ ମୟୁରଭଞ୍ଜ ଜିଲ୍ଲାକୁ ଜିଲ୍ଲାପାଳ ଭାବେ ବଦଳି ହେବା ଅବସରରେ ଜାନୁୟାରୀ ୨୯ ତାରିଖ ସୋମବାର ସନ୍ଧ୍ୟାରେ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ତରଫରୁ ଦରବାର ହଲଠାରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ପିଏ ଆଇଟିଡିଏ କେନ୍ଦୁଝର ତପନ କୁମାର ନାଏକ, ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକ, ଡେପୁଟି କଲେକ୍ଟର ବସୁନ୍ଧରା ଭିତିରିଆ, ମହମ୍ମଦ ଫିରୋଜ ଖାନ୍, ଶିବବ୍ରତ ତ୍ରୀପାଠି ସୁରିକା ବେହେରା, ବିକାଶ ଚନ୍ଦ୍ର ସାହୁ, ପ୍ରଭୁ କଲ୍ୟାଣ ମହାପାତ୍ର, କେନ୍ଦୁଝର ପୌରପାଳିକାର ନିର୍ବାହୀ ଅଧିକାରୀ ଡାଃ ମଧୁସ୍ମିତା ସାମନ୍ତରାୟ, ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ଅଜୟ କୁମାର ରଥ, ବରିଷ୍ଠ ଏଷ୍ଟାବ୍ଲିସମେଂଟ୍ ଅଫିସର ନିରନ ପାଢୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କେନ୍ଦୁଝର ଜିଲ୍ଲାର ଜିଲ୍ଲାପାଳ ଭାବେ ଶ୍ରୀଯୁକ୍ତ ଆଶିଷ ଠାକରେଙ୍କର ଜିଲ୍ଲା ପ୍ରତି, ଜିଲ୍ଲାବାସୀ ଓ ନିଜର ଅଧସ୍ତନ ଅଧିକାରୀ, କର୍ମଚାରୀମାନଙ୍କ ପ୍ରତି ଅନାବିଳ ସ୍ନେହ, ସଦିଚ୍ଛାର ନିଦର୍ଶନ ଅବତାରଣା କରି ଜିଲ୍ଲାପାଳ ଶ୍ରୀ ଠାକରେ ଯେଉଁ ଅନନ୍ୟ ପରମ୍ପରା ସୃଷ୍ଟି କରିଛନ୍ତି ତାହା ସବୁଦିନ ପାଇଁ ଅବିସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ । ଜିଲ୍ଲାପାଳ ଭାବେ ଶ୍ରୀ ଠାକରେଙ୍କର ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ କ୍ରିୟାଶୀଳତା, ନିଷ୍ଠା, ଦକ୍ଷତା ଓ କାମ କରିବାର ଆଦବକାଇଦା ପାଇଁ ସେ ଏକ ନିଆରା ବ୍ୟକ୍ତିତ୍ୱ ବୋଲି କହିଥିଲେ। ତାଙ୍କର ମନଜିଣା ବ୍ୟକ୍ତିତ୍ୱ ଏବଂ ସମସ୍ତ ପ୍ରକାରର ଆହ୍ୱାନକୁ ମୁକାବିଲା କରିବାର କଳା କୌଶଳ, କର୍ମଚାରୀମାନଙ୍କ ଉପରେ ବିଶ୍ୱାସ, ଜନସାଧାରଣଙ୍କୁ ମୂଲ୍ୟବୋଧଭିତିକ ସେବା ଯୋଗାଇ ଦେବାର ଆଗ୍ରହ, ପ୍ରଶାସନକୁ ଲୋକାଭିମୁଖୀ କରିବାର ପ୍ରୟାସ କ୍ଷେତ୍ରରେ ତାଙ୍କର ଅବଦାନ ସବୁବେଳେ ପ୍ରେରଣାର ଉତ୍ସ ହୋଇରହିବ ବୋଲି ବକ୍ତାମାନେ କହିଥିଲେ । ସମ୍ବର୍ଦ୍ଧନାର ପ୍ରତ୍ୟୁତରରେ ଭାବପ୍ରବଣ ହୋଇ ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ ଯେ କେନ୍ଦୁଝର ଜିଲ୍ଲାର ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବା ତାଙ୍କ ପାଇଁ ବିଧି ନିର୍ଦ୍ଦେଶ ବୋଲି କହିଥିଲେ । କେନ୍ଦୁଝର ଜିଲ୍ଲାବାସୀ, ଅଧିକାରୀ ଓ କର୍ମଚାରୀମାନେ ସବୁବେଳେ ତାଙ୍କ ମନରେ ଉଦ୍‌ଭାସିତ ହେଉଥିବେ। କର୍ମଚାରୀମାନଙ୍କର ସହଯୋଗ, ଜିଲ୍ଲାବାସୀଙ୍କର ଭଲ ପାଇବା ତାଙ୍କୁ ଅଭିଭୂତ କରିଛି। ତାହା ହିଁ ତାଙ୍କ ଭବିଷ୍ୟତ ଜୀବନକୁ ବାଟ ଦେଖାଇବ। ସେ ଯେଉଁଠି ଥିଲେ ବି କେନ୍ଦୁଝର ଜିଲ୍ଲା ପାଇଁ ନିଜର ଯୋଗଦାନ ରଖିବେ ବୋଲି କହିବା ସହିତ କେନ୍ଦୁଝର ଜିଲ୍ଲାର ପ୍ରଗତିର ଧାରାକୁ ଆଗକୁ ନେବା ପାଇଁ ସମସ୍ତଙ୍କୁ ନମ୍ର ନିବେଦନ କରିଥିଲେ। ଏହି ଅବସରରେ ବିଦାୟୀ ଜିଲ୍ଲାପାଳଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଶା ରାଜସ୍ୱ ଅମଲା ସଂଘ କେନ୍ଦୁଝର ଶାଖାର ସଭାପତି ଜିତେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନ୍ତପାରାଦୀପ ପୋର୍ଟ ୧୯୬୨-୨୦୨୪' ସ୍ମରଣିକା ଲୋକାର୍ପିତ



**ପାରାଦୀପ/ଭୁବନେଶ୍ୱର (ପି.ଏନ) :** ପାରାଦୀପ ବନ୍ଦର ଅବସରପ୍ରାପ୍ତ କର୍ମଚାରୀ କ୍ଲବ୍ ର କୋଡିଏ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ୟୁନିଟ ୮ ସ୍ଥିତ ପାରାଦୀପ ବନ୍ଦର ଅତିଥି ଭବନରେ ବାର୍ଷିକ ଉତ୍ସବ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି କ୍ଷ ସାଧାରଣତନ୍ତ୍ର ଦିବସ ଅବସରରେ କ୍ଲବ ପକ୍ଷରୁ ପାରାଦୀପ ବନ୍ଦରର ୬୨ ବର୍ଷର ଇତିହାସକୁ ଆଧାର କରି ଏକ ସୁଦୃଶ୍ୟ ସ୍ମରଣିକା "ପାରାଦୀପ ପୋର୍ଟ ୧୯୬୨-୨୦୨୪" ଲୋକାର୍ପିତ ହୋଇଯାଇଛି । କ୍ଲବର ସଭାପତି କ୍ୟାପଟେନ ଉମେଶ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ଉପାଦେୟ ଓ ତଥ୍ୟ ସମ୍ବଳିତ ଲେଖା ଏହି ସ୍ମରଣିକାରେ ସ୍ଥାନ ପାଇଛି । ଏଥିରେ ପାରାଦୀପର ଅତୀତ ଇତିହାସ, ଜୀବନ, ସାହିତ୍ୟ, ସଂସ୍କୃତି ପ୍ରଶାସନିକ ବ୍ୟବସ୍ଥା ଓ ସାଂପ୍ରତିକ ସମୟର ଅର୍ଥନୈତିକ ଅଭିବୃଦ୍ଧି, ଶିଳ୍ପାୟନ ଓ ସହରୀକରଣ ଆଦି ବହୁ ବିଷୟର ଅବତାରଣା କରାଯାଇଛି । ଓଡ଼ିଶାର ଆଧୁନିକ ଇତିହାସରେ ପାରାଦୀପ ବନ୍ଦରର ସ୍ଥାନ ସଂପର୍କିତ ଏହା ଏକ ଉଲ୍ଲେଖନୀୟ ଦସ୍ତାବିଜ୍। ସ୍ମରଣିକା ଉନ୍ମୋଚନ ବେଳେ ସମ୍ପାଦନା ମଣ୍ଡଳୀର ସଦସ୍ୟ ଓ ସଦସ୍ୟା ଉପସ୍ଥିତ ଥିଲେ । ଏହି ଅବସରରେ କ୍ଲବର ଶତାଧିକ ସଭ୍ୟ ଓ ପରିବାରବର୍ଗଙ୍କୁ ନେଇ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା । ସ୍ମରଣିକାର ସଂଯୋଜକ ପ୍ରଭାତ କୁମାର ମହାନ୍ତି ସ୍ମରଣିକା ପ୍ରକାଶନ ସମ୍ପର୍କରେ ବହୁ ତଥ୍ୟ ପ୍ରଦାନ କରିଥିଲେ । ଶେଷରେ ଆବାହକ ବସନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିବା ସହ କ୍ଲବକୁ ଅଧିକ ସକ୍ଷମ ଓ ପରିବ୍ୟାପ୍ତ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

### ଚତୁର୍ଥ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଲେବର ସ୍ପୋର୍ଟିଂ କ୍ଲବ ମା କାମାକ୍ଷା ସ୍ପୋର୍ଟିଂ କ୍ଲବ ବିଜୟୀ

**କେନ୍ଦ୍ରାପଡ଼ା(ପି.ଏନ) :** ଫକିରାବାଦ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ ଚତୁର୍ଥ ବାର୍ଷିକ ସର୍ବ ଭାରତୀୟ ସ୍ତରୀୟ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି-୨୦୨୪ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କ୍ଲବର ସଭାପତି ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚକୁ ପୂର୍ବତନ ଆନ୍ତର୍ଜାତୀୟ ଭଲିବଲ ଖେଳାଳୀ କେନ୍ଦ୍ରାପଡାର ମସିଉଦ୍ ଜମାନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରଥମ ଥର ପାଇଁ କେନ୍ଦ୍ରାପଡାରେ ଅନୁଷ୍ଠିତ ଏହି ଜାତୀୟ ସ୍ତରର ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚ କେନ୍ଦ୍ରାପଡାର ଲେବର ସ୍ପୋର୍ଟିଂ କ୍ଲବ ଓ ମା କାମାକ୍ଷା ସ୍ପୋର୍ଟିଂ କ୍ଲବ, ବକ୍ସର ବିହାର



ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଲେବର ସ୍ପୋର୍ଟିଂ କ୍ଲବ ମା କାମାକ୍ଷା ସ୍ପୋର୍ଟିଂ କ୍ଲବ, ବକ୍ସର ବିହାରକୁ ୬-୦ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଲେବର ସ୍ପୋର୍ଟିଂ କ୍ଲବର ଖେଳାଳୀ ନୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଆସନ୍ତାକାଲି ୩୦ତାରିଖରେ କଟକର ଇଣ୍ଡିପେଣ୍ଡେନ୍ସ କ୍ଲବ କଟକର ବିଡାନାସୀ କ୍ଲବ ସହିତ ପ୍ରଥମ ସେମିଫାଇନାଲ ମ୍ୟାଚ ଖେଳିବାକୁ ଥିବା ବେଳେ ଆସନ୍ତା ୩୧ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କେନ୍ଦ୍ରାପଡାର ଲେବର ସ୍ପୋର୍ଟିଂ କ୍ଲବ କେନ୍ଦ୍ରାପଡାର ଚାନ୍ଦ କ୍ଲବକୁ ଭେଟିବ । ଆଜିର ମ୍ୟାଚକୁ ମୁଖ୍ୟ ରେଫରୀ ସୁଜିତ ଦାସ ପରିଚାଳନା କରିଥିବା ବେଳେ ଏଥିରେ ତାଙ୍କୁ ଲକ୍ଷ୍ମଣ ସୋରେନ୍, ସନ୍ଦୀପ ଦାସ, ଯୋଗି ପଲେଇ ଓ ସେକ ମୋକିମ ପ୍ରମୁଖ ରେଫରୀମାନେ ସହଯୋଗ କରିଥିଲେ। ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟର ଚମ୍ପିୟନ ଦଳକୁ ୨୧ହଜାର ନଗଦ ଅର୍ଥରାଶି ସହିତ ଟ୍ରଫି ଓ ରନର୍ସଅପ ଦଳକୁ ୧୬ହଜାର ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ କ୍ଲବର କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ(ମତ୍ତୁ), ଉପସଭାପତି ସେକ ସଫାତୁଲ୍ଲା, ସମିଉଲ୍ଲା ଖାନ(ଜୁମା), ଅକିଲ ଅହେମ୍ମଦ, ସେକ ଫରିଦୁଦ୍ଦିନ, ସେକ ବୁରାନ ଅଲ୍ଲୀ, ସାଧାରଣ ସମ୍ପାଦକ ସେକ ସାହାବୁଲ୍ଲା, ସମ୍ପାଦକ ମୀର ଜରାର, ଆୟାଜ୍ ମହମ୍ମଦ, ମୀର ୟାସିର, ମୀର ସଲିମ, କଲିମ ଖାନ, କୋଷାଧ୍ୟକ୍ଷ ସେକ ମୁସ୍ତାକ ଓ ମହମ୍ମଦ ଆଝାରୁଦ୍ଦିନ ଏବଂ ଉପଦେଷ୍ଟାମଣ୍ଡଳୀର ସଦସ୍ୟ ସୟଦ ଅବଦୁଲ ସତ୍ତାର, ସୟଦ ଅକମଲ ଅଲ୍ଲୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

**ପାରଳାଖେମୁଣ୍ଡି (ପି.ଏନ) :** ଗଜପତି ଜିଲ୍ଲାର ମୋହନା ଠାରେ ଥିବା ହିଲଟପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡିଶା ସରକାରଙ୍କ ପକ୍ଷରୁ ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର



ପ୍ରସାର ପରି ପ୍ରେକ୍ଷୀରେ ଦ୍ୱିତୀୟ ଓଡ଼ିଆଭାଷା ପାଠ ଚକ୍ରର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ଦୁଇ ଅଧ୍ୟକ୍ଷ ଶ୍ରୀ ସିମାଞ୍ଚଳ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଉଚ୍ଚଶିକ୍ଷା ବିଭାଗ ବ୍ରହ୍ମପୁରସ୍ଥିତ ଆଞ୍ଚଳିକ ନିର୍ଦ୍ଦେଶାଳୟର ଅବସର ପ୍ରାପ୍ତ ଶିକ୍ଷା ଉପ-ନିର୍ଦ୍ଦେଶକ ତଥା ନାଟ୍ୟକାର, କବି, ଲେଖକ ଶ୍ରୀଯୁକ୍ତ ଡକ୍ଟର କୈଳାସ ଚନ୍ଦ୍ର ତ୍ରିପାଠୀ ଏବଂ ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧାପକ ତଥା ଓଡ଼ିଆ ବିଭାଗୀୟ ମୁଖ୍ୟ ଶ୍ରୀଯୁକ୍ତ ଡକ୍ଟର ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଓଡ଼ିଆ ଭାଷାର ଇତିହାସ ଓ ଏହାର ବିଶେଷତ୍ୱ ଉପରେ ଆଲୋକପାତ ସହ ଶ୍ରୀ ଜଗନ୍ନାଥ ସଂସ୍କୃତିର ମହତ୍ୱ ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରି ଛାତ୍ରୀ, ଛାତ୍ରଙ୍କୁ ସେ ସଂପର୍କରେ ବୁଝାଇଥିଲେ । ଏହି ଅବସରରେ ଅନ୍ୟ ଏକ ଅନୁଷ୍ଠିତ ପାଠ ଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବ୍ରହ୍ମପୁରସ୍ଥିତ ଶାଖା କାର୍ଯ୍ୟାଳୟର ଉପ-ସଚିବ ଶ୍ରୀଯୁକ୍ତ ଡକ୍ଟର କୁଳମଣି ଓଝା ଓଡ଼ିଆ ଭାଷା ସାହିତ୍ୟର କ୍ରମ ବିକାଶ ଓ ସମାଜ ଉପରେ ଏହାର ପ୍ରଭାବ ତଥା ଗୁରୁତ୍ୱ ଉପରେ ଆଧାରିତ ତଥ୍ୟ ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ନୋଡାଲ ଅଧିକାରୀ ଇଁରାଜୀ ଅଧାପକ ଶ୍ରୀ ଏ.ରମେଶ ସଂଚାଳନ କରିଥିବାବେଳେ ବିଦ୍ୟାଳୟର ସମସ୍ତ ଅଧାପକ ଓ କର୍ମଚାରୀ ସହଯୋଗ କରିଥିଲେ ।ଶେଷରେ ଅଧାପକ ଡକ୍ଟର ଅନ୍ତର୍ଯ୍ୟାମୀ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

ଖେଳ

ରୌପ୍ୟ ଜୟନ୍ତୀ ସମାରୋହ

# ପର୍ଯ୍ୟବେକ୍ଷକ

PARYABEKHYAK

Bhubaneswar Wednesday January 31 ଭୁବନେଶ୍ୱର ବୁଧବାର, ଜାନୁଆରୀ ୩୧,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ନକଲି ଶିକ୍ଷକଙ୍କ ଉପରେ ଛାଟ ପାହାର: ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶାଳୟର ଚିଠି



ଭୁବନେଶ୍ୱର,(ପି.ଏନ): ସାରା ରାଜ୍ୟରେ ଅନେକ ସ୍ଥାନରୁ ନକଲି ଶିକ୍ଷକଙ୍କ ବିଷୟରେ ଜାଣିବାକୁ ମିଳିଛି । ଏହାପରେ କଡା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ନେଇଛି ଓଡିଶାର ଶିକ୍ଷା ନିର୍ଦ୍ଦେଶଳୟ । ଏଥିପାଇଁ ଶିକ୍ଷା ଅଧିକାମୀମାନଙ୍କୁ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ପଠାଯାଇଛି । ନକଲି ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଡୁପ୍ଲିକେଟ ଶିକ୍ଷକମାନଙ୍କ ତଥ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଶିକ୍ଷା ନିର୍ଦ୍ଦେଶାଳୟ ।ଅନେକ ସ୍କୁଲରେ ନକଲି ଶିକ୍ଷକ ପାଠ ପଢାଉଥିବା ବେଳେ ଏହା ବିପକ୍ଷରେ ପଦକ୍ଷେପ ନେବା ଆରମ୍ଭ କରିଛି ଶିକ୍ଷା ନିର୍ଦ୍ଦୋଳୟ । ଏଥିପାଇଁ ସମସ୍ତ ଅଧିକାରୀମାନଙ୍କୁ ନକଲି ଶିକ୍ଷକ/ ଶିକ୍ଷୟତ୍ରୀଙ୍କ ତାଲିକା ଏବଂ ତଥ୍ୟା ଦେବା ପାଇଁ କହିଥିଲେ । କିନ୍ତୁ ୧୧ ଟି ଜିଲ୍ଲାର ଶିକ୍ଷା ଅଧିକାରୀ ନକଲି ଶିକ୍ଷକଙ୍କ ତାଲିକା ଦେଉନାହାନ୍ତି । ତେଣୁ ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ଚିଠି ପଠାଇଛି । ନକଲି ସାର୍ଟିଫିକେଟ ଦେଇ ଶିକ୍ଷକତା କରୁଥିବା ଲୋକମାନଙ୍କ ତାଲିକା ଦେବା ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି । ଏସବୁ ତଥ୍ୟ ଦେଇ ନଥିବାରୁ ସତ୍ୟପାଠ ହୋଇ ପାରୁ ନାହିଁ । ତେଣୁ ବର୍ତ୍ତମାନ ଏ ସମ୍ପର୍କରେ ଜନସ୍ୱାର୍ଥ ମାମଲାରେ ସରକାର ସତ୍ୟପାଠ ଦାଖଲ କରିବେ ବୋଲି ଜାଣିବାକୁ ମିଳିଛି । ଆଜି ସୁଦ୍ଧା ନକଲି ଶିକ୍ଷକଙ୍କ ତାଲିକା ପଠାଇବା ପାଇଁ ଚିଠିରେ ସମ୍ପୃକ୍ତ ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ପ୍ରତିଶ୍ରୁତି ପୂରଣ କଲେ ଅଶ୍ୱିନୀ ଭାଇ !

ଭୁବନେଶ୍ୱର,(ପି.ଏନ):ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ରେଳ ମଣ୍ଡଳ ଅନ୍ତର୍ଗତ ରୁପସା-ବାଙ୍ଗିରିପୋଷି ରେଳ ସେକ୍ସନ ମଧ୍ୟରେ ମଞ୍ଚପଡା ଠାରେ ଏକ ନୂତନ ଷ୍ଟେସନ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଦୀର୍ଘ ଦିନ ଧରି ଚାହିଦା ରହିଆସିଛି ।ମାନ୍ୟବର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଗତ ୧୩ ଜାନୁୟାରୀ ୨୦୨୪ ରେ ଏହି ଅଞ୍ଚଳ ଗସ୍ତ ସମୟରେ ସ୍ଥାନୀୟ ଲୋକମାନେ ସେମାନଙ୍କର ଯାତାୟାତ ସୁବିଧାପାଇଁ ମଞ୍ଚପଡା ଠାରେ ଏକ ପାସେଞ୍ଜର ହଲ୍ଟ ନିର୍ମାଣ କରିବାକୁ ଦାବି କରିଥିଲାବେଳେ ଏହି ସମସ୍ୟା ଦୂର ସହିତ ଏଠାରେ ପାସେଞ୍ଜର ହଲ୍ଟ ନିର୍ମାଣ କରିବାକୁ ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ବୈଷ୍ଣବ ତାଙ୍କ ସ୍ୱତନ୍ତ୍ର ପଦକ୍ଷେପ ସହିତ ଖଡ଼ଗପୁର ରେଳ ମଣ୍ଡଳର ରୁପସା-ବାଙ୍ଗିରିପୋଷି ରେଳ ସେକ୍ସନର ଜୁଗପୁରା ଏବଂ ଠାକୁରତୋଟା ଷ୍ଟେସନ ମଧ୍ୟରେ ମଞ୍ଚପଡା ଠାରେ ଏକ ପାସେଞ୍ଜର ହଲ୍ଟ ଷ୍ଟେସନ୍ ନିର୍ମାଣ ପାଇଁ ଅଧିକାରୀମାନଙ୍କୁ ନିର୍ଶେ ଦେଇଥିଲେ ଯାହା ଫଳରେ ଏହା ରେଳ ବୋର୍ଡରୁ ମଧ ଅନୁମତି ପାଇଛି ।

## କିମ୍ସରେ ବିରଳ ଅସ୍ତ୍ରୋପଚାର : ଛାତିରୁ ବାହାରିଲା ସାଢ଼େ ଚାରିକିଲୋ ଓଜନର ଟ୍ୟୁମର



ଭୁବନେଶ୍ୱର, (ପି.ଏନ): ଉନ୍ନତ ଏବଂ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଇବାରେ କିମ୍ସକୁ ମିଳିଛିଆଉ ଏକ ସଫଳତା। କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (କିମ୍ସ)ର ଡାକ୍ତରଙ୍କ ଉଦ୍ୟମ ଯୋଗୁଁ ଅସ୍ତ୍ରୋପଚାର ଜରିଆରେ ଜଣେ ମହିଳାଙ୍କ ଛାତିରୁ ବାହରିଛି ସାଢ଼େ ଚାରି କିଲୋ ଓଜନର ଏକ ଟ୍ୟୁମର। ମହିଳା ଜଣକ ଗତ ଦୁଇ ବର୍ଷ ହେବ ଛାତିରେ ଯନ୍ତ୍ରଣା ଏବଂ ଶ୍ୱାସକ୍ରିୟାରେ କଷ୍ଟ ଭୋଗୁଥିଲେ। ବର୍ଷ ବର୍ଷ ଧରି ଯନ୍ତ୍ରଣା ହେଉଥିଲା। ଏଥିପାଇଁ ସେ ଅନେକ ହସ୍‌ପିଟାଲରେ ପରାମର୍ଶ କରି କୌଣସି ସୁଫଳ ପାଇନଥିଲେ। ପରେ ସେ କିମ୍ସ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ପରୀକ୍ଷା ପରେ ତାଙ୍କ ଛାତିରେ ଏକ ବଡ଼ ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା ଏବଂ ଅସ୍ତ୍ରୋପଚାର ଦ୍ୱାରା ଏହାକୁ ବାହାର କରାଯାଇପାରିବ ବୋଲି ଡାକ୍ତର ତାଙ୍କୁ ଆଶ୍ୱାସନା ଦେଇଥିଲେ। କିମ୍ସ କାର୍ଡିଓଥୋରାସିକ୍ ସର୍ଜରୀର ଆସୋସିଏଟ୍ ପ୍ରଫେସର ଡା. ଚନ୍ଦନ କୁମାର ରାୟ ମହାପାତ୍ର ଓ ଜେନେରାଲ ସର୍ଜରୀର ପ୍ରଫେସର ସୁବ୍ରତ ସାହୁ ଏହି ଅସ୍ତ୍ରୋପଚାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସର୍ଜିକାଲ ଟିମ୍‌ରେ ମେଡିକାଲ ଅନ୍‌କୋଲୋଜିର ଆସୋସିଏଟ୍ ପ୍ରଫେସର ଡା. ଯୋଗମାୟା ପଟ୍ଟନାୟକ, କାର୍ଡିଆକ୍ ଆନେସ୍‌ଥେସିଆ ପରାମର୍ଶଦାତା ଡା. ଅଶୋକ ବଡ଼ମାଳି ଓ ଡା. ଜ୍ଞାନରଞ୍ଜନ ମିଶ୍ର ମଧ୍ୟ ସାମିଲ ଥିଲେ। ସମସ୍ତ ଡାକ୍ତରଙ୍କ ମିଳିତ ପ୍ରୟାସରେ ସବୁଠାରୁ ବଡ଼ ଛାତି ଟ୍ୟୁମରକୁ ସଫଳତାର ସହ ବାହାର କରିବା ସମ୍ଭବ ହୋଇଥିଲା। ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। କିଟ୍, କିସ୍ ଏବଂ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଅସ୍ତ୍ରୋପଚାରକୁ ସଫଳତାର ସହ ପରିଚାଳନା କରିଥିବା ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଆଇନଜୀବୀ ତପନ ଦାଶ ଷ୍ଟାଣ୍ଡିଙ୍ଗ କାଉନସେଲ ସଦସ୍ୟ ଭାବେ ନିଯୁକ୍ତ : ପାରାଦୀପ ବାର ଆସୋସିଏସନ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ

ପାରାଦୀପ,(ପି.ଏନ): ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ଗ୍ରାମର ସ୍ୱର୍ଗତ ନିଶାକର ଦାଶ ଙ୍କ ଜ୍ୟେଷ୍ଠ ପୁତ୍ର ତଥା ପାରାଦୀପ ବାର ଆସୋସିଏସନ ର ସାଧାରଣ ସମ୍ପାଦକ ତପନ କୁମାର ଦାଶ ଆୟକର ବିଭାଗ ଦ୍ୱାରା ଉଚ୍ଚ୍ ନ୍ୟାୟାଳୟ ପାଇଁ ସମ୍ମାନଜନକ ଷ୍ଟାଣ୍ଡିଙ୍ଗ କାଉନସେଲ ସଦସ୍ୟ ଭାବେ ନୁଯୁକ୍ତ ହୋଇଛନ୍ତି କ୍ଷ ଏନେଇ ଭୁବନେଶ୍ୱର ଆୟକର ଭବନ ପକ୍ଷରୁ ଗତ ଜାନୁଆରୀ ୧୭ ତାରିଖରେ ଏଫ.ନଂ-୨୭୮/ଏମ ୪୦/୨୦୨୨ ନିର୍ଦ୍ଦେଶନାମାରେ ରାଜ୍ୟର ଜଣେ ବରିଷ୍ଠ ଓ ଅନ୍ୟ ତିନିଜଣ କନିଷ୍ଠ ବର୍ଗରେ ଏହି ଷ୍ଟାଣ୍ଡିଙ୍ଗ କାଉନସେଲ ଙ୍କୁ ନିଯୁକ୍ତି ମିଳିଛି କ୍ଷ ଏହି ଆଇନଜୀବୀ ମାନେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସିବିଡିଟି ଅଧିନିୟମରେ ଆଗାମୀ ତିନିବର୍ଷ ପାଇଁ ଓଡିଶା ଉଚ୍ଚ ନ୍ୟାୟାଳୟ ରେ ପକ୍ଷ ରଖିବେ କ୍ଷ ଆଇନଜୀବୀ ତପନ ଦାଶ ଙ୍କ ଏହି ନୂତନ ନିଯୁକ୍ତି ପରେ ପାରାଦୀପ, କୁଜଙ୍ଗ ଓ ସମଗ୍ର ଜିଲ୍ଲାରେ ଆଇନଜୀବୀ ଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇବା ସଙ୍ଗେସଙ୍ଗେ ତାଙ୍କ ପାଖକୁ ଶୁଭେଚ୍ଛା ର ସୁଅ ଛୁଟିବାରେ ଲାଗିଛି କ୍ଷ ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ପାରାଦୀପରେ ଆୟୋଜିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପାରାଦୀପ ବାର ଆସୋସିଏସନ ର ସଭାପତି ହେମନ୍ତ ସାହୁ, ଉପସଭାପତି ବସନ୍ତ ବିଶ୍ୱାଳ ଓ କୈଳାଶ ଚନ୍ଦ୍ର ସାହୁ, ସଂଗଠନ ସମ୍ପାଦକ ରବୀନ୍ଦ୍ର କୁମାର ଜେନା, ଆଇନଜୀବୀ ପ୍ରଶାନ୍ତ କୁମାର ଦାସ, ସଞ୍ଜୟ ମିଶ୍ର, ଗୋଲକ ବିହାରୀ ସୁତାର, ଗୋପୀନାଥ ମଲ୍ଲ ପ୍ରମୁଖ ନୂତନ ଷ୍ଟାଣ୍ଡିଙ୍ଗ କାଉନସେଲ ସଦସ୍ୟ ତପନ ଦାଶ ଙ୍କୁ ପୁଷ୍ପଗୁଛ ଓ ଉତ୍ତରୀୟ ପ୍ରଦାନ କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

## ପିସିସି ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ପବିତ୍ର ଶ୍ରାଦ୍ଧ ଦିବସ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ନାଲ୍‌କୋ ଛକସ୍ଥିତ ମହାତ୍ମା ଗାନ୍ଧୀ ପାର୍କରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଶ୍ରୀ ପଟ୍ଟନାୟକଙ୍କ ସମେତ ନେତୃବୃନ୍ଦ ଗାନ୍ଧୀଜିଙ୍କ ପ୍ରତିମୂର୍ତ୍ତିରେ ମାଲାର୍ପଣ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ. ରାମଚନ୍ଦ୍ର ଖୁଂଟିଆ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରନ ଦାସ, ଜ୍ୟୋତିଷ ସାହୁ, ବିଧୁଭୁଷଣ ତ୍ରିପାଠୀ, ମନୋରନ ରାଉତରାୟ, ସୁଶା' ତ୍ରିପାଠୀ, ଚିନ୍ମୟ ସୁନ୍ଦର ଦାଶ, ପ୍ରକାଶ ମିଶ୍ର, ନରୋତମ ନାୟକ, ଭାସ୍କର ସେଠୀ, ଶ୍ରୀୟାସ୍ମିତା ପଣ୍ଡା, ମିହିର ଆଚାର୍ଯ୍ୟ, ରାଜ କିଶୋର ବାରିକ, ଜୟକୃଷ୍ଣ ସୁବିଧି, ତାପସ ସେଠୀ, ସୁବାସ ପ୍ରଧାନ, ପ୍ରଭାତ ପ୍ରତାପ ସିଂ, ବିନୋଦୀନି ଦିପ୍, ଖଗେଶ୍ୱର ମଲ୍ଲିକ, ପ୍ରସନ୍ନ ପାଇକରାୟ, ନଳୀନ ନାୟକ, ଦେବ ପ୍ରସାଦ ଦାସ ଓ ସାଗର ରନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।


2024-2025
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

CTG NOW @CTG KG to PG
Admission Open!
Call#TeamCTG
Odisha's Rank 1 Institution #26 years of experience in the field of Education
KEONJHAR HIGHER SECONDARY SCHOOL(+2)
(Recognised by Govt. of Odisha & Affiliated to CHSE)
+2 ARTS +2 SCIENCE +2 COMMERCE
KEONJHAR DEGREE COLLEGE(+3)
(Permanently Recognised by Govt of Odisha,Dept of Higher Education & Affiliated to DD University)
+3 ARTS (Hons.: Education, Odia, Sociology, Pol. Sc.)
+3 SCIENCE (Hons.: Geology, Phy., Chem., Math., Botany, Zoology)
B.Sc. (Computer Science) Call : 9556255777
+3 COMMERCE (Hons.)
Professional Courses
MBA MFC (Equivalent to M.Com) MCA BBA MSW BCA B.LIB Sc
Our Features : Affordable Fee, Flexible Classes, Digital Classroom, Approved Degree, Placement Assistance
For Admission Contact :
9437157802, 8327749937, 9337685530, 7008869080
9556255777, 7008547809, 6371684589, 06766-254820
Campus - I : CTG FOUNDATION, NEW COLONY, KEONJHAR
Campus - II : SHIKSHA NIKETAN, BAIGANAPOSI, KEONJHA
Email : ctg.org@gmail.com Website : www.ctgfoundation.



Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray